## ସଂକ୍ଷେପରେ

### ଶିଶୁ ମନ୍ଦିରରେ ଅମୃତ ମହୋତ୍ସବ

ଏରସମା,୧୧।୮(ସ୍ୱ.ପ୍ର.) : ଏରସମା ଥାନା ପରିସରରେ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଅମୃତ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଶିଶୁ ମନ୍ଦିର ପରିସରରୁ ବାହାରି ଏରସମା ବଜାର ପରିକ୍ରମା କରିବା ସହ ରକ୍ଷା ବନ୍ଧନ ଉପଲକ୍ଷେ ବ୍ୟାଙ୍କ, ସ୍ୱାସ୍ଥ୍ୟ କେନ୍ଦ୍ର, ଡାକ କାର୍ଯ୍ୟାଳୟ ଅଧିକାରୀ, କର୍ମଚାରୀଙ୍କ ହାତରେ ରାଖୀ ବାନ୍ଧି ଥିଲେ। ଥାନା ପରିସରରେ ଆୟୋଜିତ ସଭାରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଭଞ୍ଜନ ଦାସ, ଏରସମା ଥାନା ଅଧିକାରୀ ଭାବଗ୍ରାହୀ ରାଉତଙ୍କ ସହ ମଞ୍ଜୁଲତା ଭଞ୍ଜ, ନିତମ୍ବିନୀ ରାଉତ, ରୁକ୍ମିଣୀ ସ୍ୱାଇଁ, ଚୁନିଲତା ସ୍ୱାଇଁ, ପୁଷ୍ପଲତା ସ୍ୱାଇଁ, ରମେଶ ଚନ୍ଦ୍ର ବିଶ୍ୱାଳ, ସାରଦା ପ୍ରସନ୍ନ ସ୍ୱାଇଁ ଓ ରୋଜାଲିନ ରାଉତ ପ୍ରମୁଖ ଯୋଗଦେଇଥିଲେ।

### ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ




କୁଜଙ୍ଗ,୧୧।୮(ଡି.ଏନ୍.ଏ.): ନେହେରୁ ଯୁବ କେନ୍ଦ୍ର ଜଗତ୍‌ସିଂହପୁର ପକ୍ଷରୁ କୁଜଙ୍ଗ ବ୍ଲକରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଗୁରୁବାର ଆରମ୍ଭ ହୋଇଛି। ବ୍ଲକ ଯୁବ ସଂଯୋଜକ ସଂଗ୍ରାମ ସାହୁ ଏହାର ନେତୃତ୍ୱ ନେଇଥିଲେ। ବ୍ଲକର ସବୁ ଗ୍ରାମର ଲୋକଙ୍କୁ ତ୍ରିରଙ୍ଗା କାର୍ଯ୍ୟକ୍ରମ ନେଇ ସଚେତନ କରାଯିବ ବୋଲି କୁହାଯାଇଛି। ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଉଛି। ଏହା ଚଳିତ ମାସ ୧୩, ୧୪ ଓ ୧୫ ତାରିଖ ଘରେ ଘରେ ଜାତୀୟ ପତାକା ଉଡାଇବା ପାଇଁ ସଙ୍ଗଠନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

### ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ

ବାଲିଆ/ପାରାଦୀପ,୧୧।୮(ସ୍ୱ.ପ୍ର.): ବିରିଡି ବ୍ଲକ ପୁରପଲ୍ଲୀର ଘରେ ଘରେ ଗୁରୁବାର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ବିଶେଷ କରି ଭାଇ ହାତରେ ଭଉଣୀ ରାଖୀ ବାନ୍ଧିଛି। ଏହି ଅବସରରେ ବସନ୍ତପୁରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ନିଆରା ଢଙ୍ଗରେ ପାଳନ କରାଯାଇଛି। ଏଠାକାର ଭଉଣୀଭାଇମାନେ ପ୍ରଥମେ ଅଣଖିଆସ୍ଥିତ ପୋଷ୍ଟ ଅଫିସ କାର୍ଯ୍ୟାଳୟରେ ପହଞ୍ଚି ଅଧିକାରୀ ଓ କର୍ମଚାରୀଙ୍କୁ ରାଖୀ ପିନ୍ଧାଇ ମିଠା ଖୁଆଇଥିଲେ। ପରେ ବିରିଡି ଅଗ୍ନିଶମ ବିଭାଗ ଓ ଥାନା ସମେତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ କର୍ମଚାରୀଙ୍କୁ ରାଖୀ ପିନ୍ଧାଇ ଶାନ୍ତିର ବାର୍ତ୍ତା ପ୍ରଦାନ କରିଥିଲେ। ବ୍ରହ୍ମାକୁମାରୀ ଚିନ୍ମୟୀ, କଳ୍ପନା, ରଞ୍ଜିତା, କୁନି, ଜୟନ୍ତ ପ୍ରକାଶ, ଦୀପକ କରୁଣାକର, ସୁରେନ୍ଦ୍ର ମହାବୀର ପ୍ରମୁଖ ଏହି କାର୍ଯ୍ୟକୁ ସମ୍ପାଦନ କରିଥିଲେ। ସେହିପରି ପାରାଦୀପ ମଧୁବନସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପରିସରରେ ଗୁରୁବାର ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ସୁମନଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ରହ୍ମାକୁମାରୀମାନେ ଛାତ୍ରୀଛାତ୍ର, ବିଭିନ୍ନ ସ୍ୱେଚ୍ଛାକ ସେବୀ ସଙ୍ଗଠନ, ବନ୍ଦର ପ୍ରମୁଖ ଅଧିକାରୀ, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ରାଖୀ ବାନ୍ଧି ଥିଲେ।

### ଆଜାଦୀ କା ଅମୃତ ମହୋତ୍ସବ

ଡେରାବିଶ, ୧୧।୮(ସ୍ୱ.ପ୍ର.)ଡେରାବିଶ ବ୍ଲକ ଅଧୀନ ଗୁଆଲସିଂ ପଞ୍ଚାୟତ ଗୁଆଲସିଂଠାରେ ଥିବା କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଜାଦୀ କା ଅମୃତ ମହୋତ୍ସବ ଓ ରକ୍ଷାବନ୍ଧନ ଗୁରୁବାର ପାଳିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ପ୍ରାଧାପକ ଅଜୟ କୁମାର ରାଉତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସରୋଜକାନ୍ତ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତକୁ ସ୍ୱାଧୀନତା କରିବା ଦିଗରେ ସଂଗ୍ରାମୀଙ୍କ ବଳିଦାନ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ କଳ୍ପନା ନାୟକ, ସ୍ମିତିମୟୀ ମହାନ୍ତି, ଶିକ୍ଷକ ସମୀର ରଞ୍ଜନ ମଲ୍ଲ, ଜଗନ୍ନାଥ ନାୟକ, ରାଜକିଶୋର ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଜାଦୀ କା ଅମୃତ ମହୋତ୍ସବ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ।

# ବତିଘରେ ଇଂରେଜଙ୍କ କମାଣ ମୂକସାକ୍ଷୀ ପାଲଟିଛି

- ଲାଇଟ ହାଉସ୍ ଶୀର୍ଷରୁ ପୁରୀ ଶ୍ରୀମନ୍ଦିର ବାନା ଦେଖାଯାଉଥିଲା
- ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦାବି





ଫଲ୍ସ ପଏଣ୍ଟ ବା ବତିଘର ମୂକସାକ୍ଷୀ ବ୍ରିଟିଶ ତୋପ।

ମହାକାଳପଡ଼ା,୧୧।୮(ଡି.ଏନ୍.ଏ.)

ପୂର୍ବ ଉପକୂଳ ବଙ୍ଗୋସାଗର ସଂଲଗ୍ନ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବତିଘର ରହିଛି। ବିଗତଦିନରେ କୁଜଙ୍ଗ ରାଜାଙ୍କ ଶାସନ ଅଧୀନରେ ଏହା ଥିଲା ନିର୍ଜନ ଦ୍ୱୀପ। ଏହି ନିର୍ଜନ ଦ୍ୱୀପ ବ୍ରିଟିଶ ଶାସକ ଗୋରା ସାହେବମାନେ ଚତୁଃପାର୍ଶ୍ୱସ୍ଥ ଜଳ ରାଶି ମଝିରେ ଏକ ଘଞ୍ଚ ଅରଣ୍ୟ ପରିପୂର୍ଣ୍ଣ ଥିବା ବିଶାଳ ଚୋରାବାଲି ସ୍ତୁପ ବା ଡିପକୁ ୧୮୩୦ରେ ଆବିଷ୍କାର କରିଥିବା କୁହାଯାଇଛି। ଏହି ନିର୍ଜନ ଦ୍ୱୀପଟିର ପ୍ରାକୃତିକ ପରିବେଶ, ମନୋଲୋଭା ଦୃଶ୍ୟ ଅତ୍ୟନ୍ତ ସୁନ୍ଦର ହୋଇଥିବାରୁ ଇଂରେଜ ଶାସକମାନେ ସୁରକ୍ଷିତ ଭାବେ ଉପନିବେଶ ସ୍ଥାପନ ଆରମ୍ଭ କରିଥିଲେ। ନଦୀ, ନାଳଘେରା ଘଞ୍ଚ ଅରଣ୍ୟରେ ଏହି ଚୋରାବାଲି ସ୍ତୁପ ଦ୍ୱୀପରେ ୧୮୩୬ରେ ବ୍ରିଟିଶ ମୁଖ୍ୟମନ୍ତ୍ରୀ ଫଲ୍ସ ସାହେବଙ୍କ ଦ୍ୱାରା ସୁଉଚ୍ଚ ୧୩୦ ଫୁଟ୍ ଟାୱାର (ଲାଇଟ ହାଉସ୍) ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ୨୦ ଫୁଟ୍ ଉଚ୍ଚତା କମ୍ କରାଯାଇଥିଲା। ତେବେ ଅଦ୍ୟାବଧି ୩୯ ମିଟର ବା ୧୧୦ ଫୁଟ ଉଚ୍ଚତା ରଖାଯାଇଛି ବୋଲି କୁହାଯାଉଛି। ଏହି ନିର୍ମାଣରେ ବଡ଼ ବଡ଼ ଇଟା, ପଥର ସହ ଚୂନଗୁଡ଼ ଓ ଲାଖ ମିଶ୍ରଣରେ ଗୃହ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ୧୮୩୮ ମସିହାରେ ନିର୍ମାଣ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଲାଇଟ୍ ଜଳିବା କାର୍ଯ୍ୟକାରୀ ହୋଇଥିଲା। ମୁଖ୍ୟମନ୍ତ୍ରୀ ଫଲ୍ସ ସାହେବଙ୍କ ନାମାନୁସାରେ ଫଲ୍ସ ପଏଣ୍ଟ ବା ବତିଘର ଭାବେ ନାମିତ ହୋଇଥିଲା। ସମୁଦ୍ରର ଏହି ଜଳପଥ ଦେଇ ବଡ଼ ବଡ଼ ବିଦେଶୀ ଜାହାଜ ଚଳାଚଳ ସମୟରେ ବାଟବଣା ନ ହେବା ପାଇଁ ସୁଉଚ୍ଚ ଲାଇଟ୍ ହାଉସ ନିର୍ମାଣ କରାଯାଇଥିବା କୁହାଯାଇଛି। ଏହାର ଉପର ଅଗ୍ର ଭାଗରେ ରାତ୍ରି କାଳରେ ପେଟ୍ରୋ ମାକ୍ସ (ଫ୍ଲାସ ଚକ୍ରି ) ଲାଇଟ୍ ସ୍ଥାପନ କରାଯାଇ ଦିଗ ନିର୍ଣ୍ଣୟ ରୂପେ ଚକ୍ରି ବୁଲୁଥିଲା।

ସୂଚନାଯୋଗ୍ୟ, ବଙ୍ଗୋପସାଗର କୂଳ ସନ୍ନିକଟରେ ନିର୍ମାଣ ହୋଇଥିବା ସୁଉଚ୍ଚ ଫଲ୍ସ ପଏଣ୍ଟ ବା ବତିଘର ସର୍ବୋଚ୍ଚ ଶିଖରରେ ଦଣ୍ଡାୟମାନ ହେଲେ ପୁରୀ ଶ୍ରୀମନ୍ଦିରର ପତିତପାବନ ବାନା ଦୃଶ୍ୟମାନ ହେଉଥିବା ଶୁଣିବାକୁ ମିଳେ। ତେବେ ପତିତପାବନ ବାନା ଦୃଶ୍ୟ ନ ହେବା ପାଇଁ ପରବର୍ତ୍ତୀ ସମୟରେ ଇଂରେଜ ଶାସକମାନେ ନିର୍ମିତ ହୋଇଥିବା ଉକ୍ତ ବତିଘର ଶୀର୍ଷ ଭାଗ ଉପର (୨୦ ଫୁଟ୍) ଭାଙ୍ଗି ଦେଇଥିବା ଅଞ୍ଚଳର ବହୁ ପୁରୁଖା ଲୋକମାନଙ୍କ ନିକଟରୁ ଶୁଣିବାକୁ ମିଳେ। ଅପରପକ୍ଷରେ ଏହି ଦ୍ୱୀପରେ ବ୍ରିଟିଶ ଶାସନ ସମୟରେ କେତେକ କମାଣ, ତୋପ ମୂକସାକ୍ଷୀ ପାଲଟିଛି। ନିକଟ ଖୋଳାନଦୀରେ ଏକ କମାଣ ପାଣିରେ ବୁଡ଼ି ରହିଥିବା ଓ ଅନ୍ୟ ଏକ ତୋପ ଫଲ୍ସ ପଏଣ୍ଟ ପରିସରରେ ଥିବା ଜଙ୍ଗଲରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ଏହି ତୋପକୁ ବତିଘର ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀ ଜୟନ୍ତ କୁମାର ଚାଟାର୍ଜୀ ୨୦୧୫ ମସିହାରେ ଉଦ୍ଧାର କରିଥିଲେ। ଏହାକୁ ବତିଘରଠାରେ ସଂରକ୍ଷିତ ରଖାଯାଇଛି। ଏହି ଫଲ୍ସ ପଏଣ୍ଟ ବା ବତିଘରକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଲେ ବହୁ ଦେଶବିଦେଶର ପର୍ଯ୍ୟଟକମାନଙ୍କ ଆଗମନ ହୋଇପାରନ୍ତା ବୋଲି ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି।

# ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ, ହତ୍ୟା ସନ୍ଦେହ

ଜଗତ୍‌ସିଂହପୁର ଅଫିସ,୧୧।୮

ଜଗତ୍‌ସିଂହପୁର ପୌର ପରିଷଦ ୧୨ନଂ. ୱାର୍ଡ ଅନ୍ତର୍ଗତ ଗାଲୁପଡ଼ାଠାରେ ଶାଶୁଘରୁ ଗୁରୁବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ହେଲେ ସେକ୍ ସଲିମଙ୍କ ସ୍ତ୍ରୀ ସେରୁନ ବିବି। ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ ଏହା ଆତ୍ମହତ୍ୟା ଭଳି ଲାଗୁଥିଲେ ମଧ୍ୟ ହତ୍ୟା ସନ୍ଦେହକୁ ଏଡାଇ ଦିଆଯାଇ ନ ପାରେ ବୋଲି ବାପଘର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଜଗତ୍‌ସିଂହପୁର ଥାନାରେ ପୋଲିସ ଅପମୃତ୍ୟୁ ମାମଲା (ନଂ. ୬୦/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

ଏ ସମ୍ପର୍କରେ ମୃତ ସେରୁନଙ୍କ ଶାଶୁ ହାସିନା ବିବି କହିଛନ୍ତି, ପରିବାରରେ ତାଙ୍କ ସହ ପୁଅ ସଲିମ, ବୋହୂ ସେରୁନ ଓ ସେମାନଙ୍କର ଏକ କନ୍ୟା ସନ୍ତାନ ରହିଛନ୍ତି। ୮ବର୍ଷ ପୂର୍ବେ ସଲିମ ଓ ସେରୁନଙ୍କ ବିବାହ ହୋଇଥିଲା। ସଲିମ ବାହାରେ ରହି କାମ କରି ପରିବାର ଚଳାଇଥାନ୍ତି। କିନ୍ତୁ ସେରୁନଙ୍କୁ ତାଙ୍କ ବାପଘର ଗାଁର ଜଣେ ବ୍ୟକ୍ତି କ୍ରମାଗତ ଭାବେ ହଇରାଣ କରି ଆସୁଥିଲେ। ଅଶ୍ଳୀଳ ଫଟୋ କରି ବୋହୂଙ୍କୁ ବିଭିନ୍ନ ସମୟରେ ଫୋନ କରିବା ସହ ବ୍ଲାକମେଲିଂ କରୁଥିଲେ। ବାରମ୍ବାର ଫୋନ ଯୋଗୁ ବୋହୂ ଚାପଗ୍ରସ୍ତ ହୋଇ କାହା ସହ କଥାବାର୍ତ୍ତା ନ କରି ଚୁପଚାପ୍ ରହୁଥିଲେ। ବାରମ୍ବାର ପଚାରିବା ସତ୍ତ୍ୱେ ସେ କିଛି କହୁ ନ ଥିଲେ। ଗୁରୁବାର ସକାଳେ ଏ ବିଷୟରେ ସେରୁନ ଶାଶୁଙ୍କୁ ଜଣାଇ ମନ ଦୁଃଖ କରିଥିଲେ। ଶାଶୁ ହାସିନା ବୋହୂଙ୍କୁ ବୁଝାଶୁଝା କରିବା ସହ ମୋବାଇଲରୁ ସିମ୍ ବଦଳାଇ ଦେବାକୁ ପରାମର୍ଶ ଦେଇଥିଲେ। ପରେ ହସିନା ଦୋକାନକୁ ଯାଇଥିବା ବେଳେ ସେରୁନ ଘରେ ଭିତରେ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ସେ ଘରେ ପହଞ୍ଚିଲା ପରେ ଏହା ଦେଖି ସଙ୍ଗେ ସଙ୍ଗେ ପଡୋଶୀଙ୍କୁ ଡାକି ସେରୁନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ସେରୁନଙ୍କ ବାପଘର କିଶନନଗର ଥାନା ଅନ୍ତର୍ଗତ ସେଲୁର ଗାଁର କେତେଜଣ ଅଭିଯୋଗ କରିଛନ୍ତି, ମୃତ୍ୟୁର କାରଣ ଅସ୍ପଷ୍ଟ। ତାଙ୍କ ଶାଶୁ ଆତ୍ମହତ୍ୟା କଥା କହୁଥିଲେ ହେଁ ହତ୍ୟା ସନ୍ଦେହକୁ ଏଡାଇ ଦିଆଯାଇ ନ ପାରେ। ଗତ ୧୦ ତାରିଖରେ ସ୍ୱାଇଁ ଫୋନ କରି ସେରୁନଙ୍କୁ ତାଙ୍କ ବାପଘର ଲୋକେ ନେଇ ଯାଆନ୍ତୁ ବୋଲି କହିଥିଲେ। କେବଳ ଏତିକି ନୁହେଁ ଅତୀତରେ ସେରୁନଙ୍କ ପରିବାରରେ ୨ରୁ୩ ଥର ବିଶୃଙ୍ଖଳା ହୋଇଥିଲା। ସେମାନଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା ବୋଲି ସେଲୁର ଗ୍ରାମର କେତେଜଣ ବ୍ୟକ୍ତି ସୂଚନା ଦେଇଛନ୍ତି। ପୋଲିସ ଅଧିକ ତଦନ୍ତ କଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେରୁନଙ୍କ ବାପଘର ଗାଁ ଲୋକ ଦାବି କରିଛନ୍ତି।



କଟକ-ନୂଆଗାଁ ୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ରାସ୍ତା ପାର୍ଶ୍ୱରୁ ବନ ବିଭାଗ ପକ୍ଷରୁ ଗଛ କଟାଯାଉଛି।

# ରାସ୍ତାପାର୍ଶ୍ୱରୁ କଟାଯିବ ୫ ହଜାର ଗଛ

**୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ**

ବାଲିଆ, ୧୧।୮(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲାର କଟକ-ନୂଆଗାଁ ୫୫ ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ଜାତୀୟ ରାଜପଥ ପ୍ରାଧୀକରଣ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ଜମି ଅଧିଗ୍ରହଣ ଓ ଜମି ହରାଇଥିବା ବ୍ୟକ୍ତିଙ୍କ କ୍ଷୟକ୍ଷତିର ମୂଲ୍ୟାୟନ କାର୍ଯ୍ୟ ଶେଷ ହୋଇଛି। ଏବେ ବନ ବିଭାଗ ପକ୍ଷରୁ ରାଜପଥ ଉଭୟ ପାର୍ଶ୍ୱରେ ଥିବା ଗଛକଟା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ବଗୁଲାଠାରୁ ବସନ୍ତପୁର ଓ ପରେ ଜଗତ୍‌ସିଂହପୁର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରୁ ପ୍ରାୟ ୫ହଜାର ଗଛ କଟାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। କଟର ମେଶିନ ସହାୟତାରେ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଗଛଗୁଡ଼ିକୁ କଟା ଯାଉଛି। ସବୁ ଗଛ କଟାଯିବା ପରେ ନିଲାମ କରାଯାଇ ବିକ୍ରି କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଖରିନାସୀରେ ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରା

ମହାକାଳପଡ଼ା,୧୧।୮(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗାଁ ଗାଁରେ ପଦଯାତ୍ରା କରି ମହିଳା, ଯୁବକମାନେ ହର୍ ଘର୍ ତ୍ରିରଙ୍ଗା ପତାକା ଧରି ସଚେତନତା ଅଭିଯାନ ଆରମ୍ଭ କରୁଛନ୍ତି। ବିଶେଷକରି ଖରିନାସୀ ଗ୍ରାମସ୍ଥିତ କାକିବାଡି ପଡ଼ିଆରେ ଖରିନାସୀ ଯୁବଶକ୍ତି ମିଶନ ଓ ସ୍ୱଚ୍ଛ ଗ୍ରାମୀଣ ମିଶନ (ମହିଳା ସଂଘ) ପକ୍ଷରୁ ପବିତ୍ର ରକ୍ଷାବନ୍ଧନଠାରୁ ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ଅମୃତ ମହୋତ୍ସବ ବା ହର୍ ଘର୍ ତ୍ରିରଙ୍ଗା ଅଭିଯାନକୁ ଜୋରଦାର କରିବାକୁ ସଙ୍ଗଠନ ଦୃଢ଼ୋକ୍ତି ପ୍ରକାଶ କରିଛି। ଏହି ଅଭିଯାନରେ ସମସ୍ତେ ମିଳିତ ହୋଇ ହାତରେ ତ୍ରିରଙ୍ଗା ଧରି ଘରେ ଘରେ ବୁଲିବା ଦେଖିବାକୁ ମିଳିଥିଲା। ଏହି ଅଭିଯାନରେ ଖରିନାସୀ ଗାଁର ଇନ୍ଦ୍ରଜିତ ମଣ୍ଡଳ, ଚନ୍ଦ୍ରକାନ୍ତ ହାଲଦାର, ସୁନୀତା ଗାୟନ, ଶର୍ମିଳା ହାଲଦାର, ମିନତି ହାଲଦାର, ବାଦଲ ମଣ୍ଡଳ, ଅଞ୍ଜନା ମଜୁମଦାର, ତୁଳସୀ ମଣ୍ଡଳ, ମୀନାକ୍ଷୀ ଗାୟନ, ମିନୁ ଘୋଷ, ଲିଲିନା ଅଧିକାରୀଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ସାମିଲ ହୋଇଥିଲେ। ଏହାକୁ ସମ୍ରାଟ ମାଝି ପରିଚାଳନା କରିଥିଲେ।

# ଲଛମନଜୀଉଙ୍କ ଝୁଲଣଯାତ୍ରା

ଡେରାବିଶ, ୧୧।୮(ସ୍ୱ.ପ୍ର.):

ଗହ୍ମାପୂର୍ଣ୍ଣିମା ଅବସରରେ ଶୁକ୍ରବାର ଡେରାବିଶ ବ୍ଲକ ଅଧୀନରେ ଥିବା ବିଭିନ୍ନ ମଠ ମନ୍ଦିରରେ ଗତ ସୋମବାରଠାରୁ ଆରମ୍ଭ ହୋଇଛି ଝୁଲଣ ଯାତ୍ରା। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଝୁଲଣ ଯାତ୍ରାର ଗୁରୁବାର ଥିଲା ଚତୁର୍ଥ ସନ୍ଧ୍ୟା। ତେବେ ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତ ବାଲିପାଟଣାସ୍ଥିତ ପରମ ଆରାଧ୍ୟ ଶ୍ରୀଲଛମନଜୀଉଙ୍କ ଝୁଲଣ ଯାତ୍ରା କେବଳ ବ୍ଲକ ଅଞ୍ଚଳ ନୁହେଁ ସମଗ୍ର କେନ୍ଦ୍ରାପଡ଼ା ଜିଲାରେ ପ୍ରସିଦ୍ଧିଲାଭ କରିଛି। ଦୁଇବର୍ଷ ହେଲା କରୋନା କଟକଣା ଥିବାରୁ ଝୁଲଣ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ କରାଯାଇଥିଲା। ଚଳିତବର୍ଷ ବିଭିନ୍ନ ଫୁଲରେ ସୁସଜ୍ଜିତ ଝୁଲଣରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି। ସନ୍ଧ୍ୟା ଆଳତି ପରେ ଶ୍ରୀଜୀଉ ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରାରେ ଝୁଲଣ ମଣ୍ଡପରେ ପ୍ରସ୍ତୁତ ହୋଇଥିବା ଝୁଲଣରେ ଉପବେଶନ କରିଥାନ୍ତି। ପରେ ଉପସ୍ଥିତ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ପରିବେଷଣ ଝୁଲଣ ଗୀତ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥାଏ। ଗୁରୁବାର ସନ୍ଧ୍ୟାରେ ଶ୍ରୀବଳଦେବଜୀଉଙ୍କ ଜନ୍ମତିଥି ଥିବାରୁ ଝୁଲଣରେ ଶ୍ରୀଜୀଉଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଏହି କାର୍ଯ୍ୟକ୍ରମକୁ କୁଶିଆପାଳ ସରପଞ୍ଚ ତଥା ମନ୍ଦିର ପରିଚାଳନା ସୁପରଭାଇଜର ଦୟାନିଧି ଦାସ, ସତ୍ୟନାରାୟଣ ବେହେରା, ଆତ୍ମାରାମ ପାଢୀ, ଶ୍ରୀଧର ପୋଥାଳ ଓ ଭରତ ବାଇ ପ୍ରମୁଖ ପରିଚାଳନା କରିଥିଲେ।



ଝୁଲଣରେ ଶ୍ରୀଲଛମନ ଜୀଉ।

# ଲଗାଣ ବର୍ଷା: ଖଡ଼ିଅଣ୍ଟା ଗାଁ ଲୋକେ ଜଳବନ୍ଦୀ



ରାସ୍ତା ପାଣି ଯିବା ପଥ ଅବରୋଧ ଯୋଗୁ ଜମି ରହିଛି।

ପଟ୍ଟାମୁଣ୍ଡାଇ, ୧୧।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଲଗାଣ ବର୍ଷାରେ ଏବେ ବିଭିନ୍ନ ଗ୍ରାମର ଲୋକେ ଜଳବନ୍ଦୀ ଦୁର୍ଦ୍ଦଶା ଭୋଗୁଛନ୍ତି। ୩ ଦିନ ଧରି ତୁହାକୁ ତୁହା ବର୍ଷା ଯୋଗୁ ନଦୀ, ନାଳ, ଗାଡ଼ିଆ, ପୋଖରୀ ପୂର୍ଣ୍ଣ ହୋଇଯାଇଛି। ଚାଷଜମି ସମେତ ବିଭିନ୍ନ ଗାଁଗଣ୍ଡାରେ ବର୍ଷା ପାଣି ଜମି ରହି କମିବାର ନାଁ ଧରୁନି। ବିଭିନ୍ନ ଗ୍ରାମରେ ଜଳ ନିଷ୍କାସନ ବାଟ ବନ୍ଦ ହୋଇ ଯାଇଥିବାରୁ ପାଣି ଜମିରହୁଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ପଟ୍ଟାମୁଣ୍ଡାଇ ବ୍ଲକର ଖଡ଼ିଅଣ୍ଟା ଗାଁରେ। ଗାଁରେ ପ୍ରାୟ ୧୦୦ ଘରରୁ ଊର୍ଦ୍ଧ୍ୱ ପରିବାର ବାସ କରୁଥିବାବେଳେ ଗାଁରେ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ଜମିରହିଛି। ଲୋକମାନେ ଘରୁ ବାହାରି ନିତ୍ୟକର୍ମ କରିବା କଷ୍ଟସାଧ ହୋଇପଡିଛି। ଗ୍ରାମରେ କେତେଜଣ ବ୍ୟକ୍ତି ସରକାରୀ ଅନାବାଦୀ ଜମିକୁ ଜବରଦଖଲ କରି ମାଟି ପକାଇ ଉଚ୍ଚା କରି ଦେଇଥିବାରୁ ପାଣି କମିବାର ନାଁ ଧରୁନି। ଗତବର୍ଷ ଡ୍ରେନେଜ କଟ୍ ବିଭାଗ ପକ୍ଷରୁ ଟେଣ୍ଡର କରି ନୟନ ଯୋରି ପୁନରୁଦ୍ଧାର କାର୍ଯ୍ୟ କରାଯାଉଥିଲା। ମାତ୍ର କେତେଜଣ ବ୍ୟକ୍ତି ଏହା ମୋ ଜାଗା କହି କାମ ବନ୍ଦ କରିଥିଲେ। ଲଗାଣ ବର୍ଷା ହେତୁ ପାଣି ନିଷ୍କାସନ ହୋଇ ନ ପାରି ଗାଁ ଭିତରେ ଲହଡି ମାରୁଛି। ତୁରନ୍ତ ପ୍ରଶାସନିକ ସ୍ତରରେ ପଦକ୍ଷେପ ନ ନେଲେ ଆଗକୁ ଆହୁରି ଅଧିକ ବର୍ଷାରେ ପରିସ୍ଥିତି ଅଣାୟତ୍ତ ହେବାର ଆକଳନ କରାଯାଉଛି। କେବଳ ଖଡ଼ିଅଣ୍ଟା ନୁହେଁ ବ୍ଲକର ବିଭିନ୍ନ ସ୍ଥାନରେ ସରକାରୀ ଜଳ ନିଷ୍କାସନ ବାଟରେ ମାଟି ପକାଇ ପଥ ଅବରୋଧ କରାଯାଇଥିବାରୁ ସମସ୍ୟା ସୃଷ୍ଟି କରୁଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ଅବରୋଧକୁ ହଟାଇ ଜଳ ନିଷ୍କାସନ ପଥ ସୁଗମ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ବିଲୁପ୍ତି ପଥେ ବାଇଚଢ଼େଇ: ଚିନ୍ତାରେ ପରିବେଶପ୍ରେମୀ

ପଟ୍ଟାମୁଣ୍ଡାଇ, ୧୧।୮(ସ୍ୱ.ପ୍ର.)

ସମୟ ଥିଲା କାନରେ ବାଜୁଥିଲା ବାଇଚଢ଼େଇର କିଚିରି ମିଚିରି ଶବ୍ଦ। ବାଇଚଢ଼େଇକୁ ନେଇ ରହିଛି ଅନେକ କାହାଣୀ, ଗପ, ଗୀତ। ମା'ର ବାଇଚଢ଼େଇ ଗୀତ ଶିଶୁ ଆଖିରେ ଭରି ଦେଉଥିଲା ନିଦ। ମୌସୁମୀ ବର୍ଷା ଆଗମନ ପୂର୍ବରୁ ସୂଚନା ଦିଏ ବାଇଚଢ଼େଇ। ହେଲେ ପ୍ରକୃତିର ଶୋଭା ମଣ୍ଡନ କରୁଥିବା ବାଇଚଢ଼େଇ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ୧୯୯୯ ମହାବାତ୍ୟା ପରଠାରୁ ଆଉ ବିଶେଷ ଭାବେ ଦେଖାଯାଉ ନାହାନ୍ତି। ଏହାକୁ ନେଇ ପରିବେଶବିତ୍ ଓ ପ୍ରକୃତିପ୍ରେମୀମାନେ ଚିନ୍ତା ପ୍ରକଟ କରିଛନ୍ତି।

ପରିବେଶବିତ୍ ପ୍ରଫୁଲ୍ଲ ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରାକୃତିକ ପରିବେଶରେ ଦେଖିବାକୁ ପାଉଥିଲୁ ବାଇଚଢ଼େଇ ବସା ଓ ଶୁଣୁଥିଲୁ ସୁମଧୁର ସ୍ୱର। ବାଇଚଢ଼େଇ କାହିଁ କେଉଁ କାଳରୁ ଆମ ସଂସ୍କୃତି ତଥା ଲୋକସାହିତ୍ୟ ସହିତ ଜଡିତ। ଅତୀତରେ ପ୍ରାକୃତିକ ଜଳବାୟୁ ଓ ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ବିପର୍ଯ୍ୟୟ ସମ୍ପର୍କରେ ପଶୁପକ୍ଷୀଙ୍କଠାରୁ ସୂଚନା ମିଳୁଥିଲା। ମୌସୁମୀ ବର୍ଷା ଆଗମନ ପୂର୍ବରୁ ବାଇଚଢ଼େଇ ଉଚ୍ଚ ଗଛରେ ବସା ବାନ୍ଧିବା ଆରମ୍ଭ କରି ଦେଇଥାଏ। ଏବେ ଆଉ ଆଗଭଳି ବାଇଚଢ଼େଇ ଦେଖିବାକୁ ମିଳୁନାହାନ୍ତି। ପ୍ରକୃତିପ୍ରେମୀ ବିଭୂତି ତ୍ରିପାଠୀ କହିଛନ୍ତି, ଦିନକୁ ଦିନ ତାଳ, ଖଜୁରି, ଝାଉଁ ଓ ନଡ଼ିଆ ଗଛ ଲୋପ ପାଉଥିବାରୁ ବାଇଚଢ଼େଇ ଆଉ ପୂର୍ବଭଳି ବହୁ ପରିମାଣରେ ଦେଖିବାକୁ ମିଳୁନାହାନ୍ତି। ଅନ୍ୟପକ୍ଷୀମାନଙ୍କ ତୁଳନାରେ ବାଇଚଢ଼େଇ କ୍ଷୁଦ୍ର ହୋଇଥିଲେ ମଧ୍ୟ ଏହାର କାରିଗରି କୁଶଳୀ ଜ୍ଞାନ ଅତ୍ୟନ୍ତ ନିପୁଣ। ଏଥିପାଇଁ ଏହି ପକ୍ଷୀଟିକୁ କେହି କେହି ଯନ୍ତ୍ରୀ ପକ୍ଷୀର ଆଖ୍ୟା ଦେଇଥାନ୍ତି। ଏହି ପକ୍ଷୀଟି ନିଜ ଥଣ୍ଟ ସାହାଯ୍ୟରେ ଖଜୁରି, ନଡ଼ିଆ ଓ ତାଳପତ୍ରକୁ ଚିରି ପାତି କରି ଅତିସୂକ୍ଷ୍ମ ଭାବେ ନିଜର ବସା ତିଆରି କରିଥାଏ। ଯେତେ ଝଡ ତୋଫାନ ଆସିଲେ ମଧ୍ୟ ବସା ମଧ୍ୟକୁ ପାଣି ଭେଦ କରି ପାରି ନ ଥାଏ। ବିଶେଷକରି ନଡ଼ିଆ, ତାଳ ପରି ଉଚ୍ଚ ଗଛପତ୍ରରେ ଏହି ଚଢ଼େଇ ନିଜର ବସା ବାନ୍ଧିଥା'ନ୍ତି। ତେବେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଅଧିକ ପରିମାଣର ଖଜୁରି ଓ ତାଳଗଛ ରୋପଣ କରାଯାଇ ଏମାନଙ୍କ ସଂରକ୍ଷଣ ପାଇଁ ଧ୍ୟାନ ଦିଆଗଲେ ବଂଶ ବିସ୍ତାର ହୋଇପାରନ୍ତା। ପ୍ରକୃତିପ୍ରେମୀ ମିଟୁ ଜେନା କହିଛନ୍ତି, ଆମ ଗ୍ରାମରେ ଆଗରୁ ବାଡି ବଗିଚାରେ ବାଇଚଢ଼େଇ ବସା ଦେଖିବାକୁ ମିଳୁଥିଲା। ୧୯୯୯ ମହାବାତ୍ୟା ପରେ ବିଶେଷ ଭାବେ ଦେଖାଯାଉ ନ ଥିଲା। ମାତ୍ର ଗତବର୍ଷଠାରୁ ବାଇଚଢ଼େଇ ବସା ଦେଖିବାକୁ ମିଳୁଛି। ବାଇଚଢ଼େଇ ବସା ହିଁ ତାହାର ପରିଚୟ ସୃଷ୍ଟି କରେ। ସେହିପରି ରୋଗ ପୋକକୁ ମଧ୍ୟ ଦମନ କରିଥାଏ ଏହି କୁନି ଚଢ଼େଇ। ତେଣୁ ଏହାକୁ କୃଷକର ବନ୍ଧୁ ବୋଲି ମଧ୍ୟ କୁହାଯାଏ। ହେଲେ ଏହି ବିଚିତ୍ର ବିହଙ୍ଗ ଏବେ ବିଲୁପ୍ତ ପ୍ରାୟ। ଏମାନଙ୍କ ସୁରକ୍ଷା ପାଇଁ କୌଣସି ସ୍ତରରେ ଉଦ୍ୟମ କରାଯାଉ ନାହିଁ। ଯାହା ଆଗାମୀ ପିଢ଼ି ଓ ପରିବେଶ ପାଇଁ ବେଶ୍ କ୍ଷତିକାରକ। ବାଇଚଢ଼େଇଙ୍କ ବଂଶ ବିସ୍ତାର ଓ ସେମାନଙ୍କ ସୁରକ୍ଷା ପାଇଁ ବେଳ ହୁଁ ସାବଧାନ ନ ହେଲେ ଆଗକୁ କେବଳ କାହାଣୀ ହୋଇ ରହିଯିବେ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ଯକ୍ଷଦତ୍ତ ପତିଙ୍କୁ ପଚାରିବାରେ ଭିତରକନିକା ଅଞ୍ଚଳରେ ବାଇଚଢ଼େଇଙ୍କ ବସବାସ ଭଲ ଅଛି। ସବୁଠାରୁ ଅଧିକ ବରୁଣେଇ, ଗହୀରମଥା, ଡାଙ୍ଗମାଳ ଫରେଷ୍ଟ ବ୍ଲକ ଛଡ଼ା ରାଜନଗର ଗାଁଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳନ୍ତି। ମାତ୍ର ପାଗ ପରିବର୍ତ୍ତନ, ବାତ୍ୟା ଓ ବସା ତିଆରି ପାଇଁ ଯେଉଁ ଗଛ ଦରକାର ତାହା ଅନୁକୂଳ ନ ହେବାରୁ ବାଇଚଢ଼େଇଙ୍କ ବଂଶ ବିସ୍ତାର ଗାଁରେ କମି କମି ଯାଉଛି ବୋଲି ସେ କହିଛନ୍ତି।

**ନିଜର ବସା ହିଁ ଦେଇଥାଏ ସ୍ୱତନ୍ତ୍ର ପରିଚୟ**



# ସିଏଜି ରିପୋର୍ଟରେ ତଟାଞ୍ଚଳ ଅସୁରକ୍ଷିତ

- ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନତା ନାହିଁ
- ଖର୍ଚ୍ଚ ହେଉଛି ଅନୁଦାନ ଅର୍ଥ, ସୁଫଳ ମିଳୁନି
- ତଟ ସୁରକ୍ଷା ପାଇଁ ଜଳ ସମ୍ପଦ ଓ ଏନ୍‌ଆଇଓଟି ମଧ୍ୟରେ ଏମ୍‌ଓୟୁ

କେନ୍ଦ୍ରାପଡ଼ା ଅଫିସ, ୧୧।୮

ସମୁଦ୍ର ଓ ଭୂଭାଗକୁ ଛୁଇଁଥିବା ଉପକୂଳ ଅଞ୍ଚଳର ସୁରକ୍ଷା ଆବଶ୍ୟକ। ଏହି ଅଞ୍ଚଳରେ ବନ୍ୟା, ସାମୁଦ୍ରିକ ଝଡ଼ ସହ ସୁନାମି ଭୟ ରହିଛି। କେନ୍ଦ୍ର ପର୍ଯ୍ୟାବରଣ ମନ୍ତ୍ରଣାଳୟ ଓ ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ଏହାର ସୁରକ୍ଷା ପାଇଁ ଅନୁଦାନ ଦିଆଯାଉଛି। ଏହାସହ ଏହି ଅଞ୍ଚଳର ପରିବେଶ ସୁରକ୍ଷା ପାଇଁ ୧୯୮୬ରେ ପରିବେଶ ସୁରକ୍ଷା ଆଇନ ପ୍ରଣୟନ ହୋଇଛି। ଏଥିସହ ୧୯୯୧, ୨୦୧୧ ଓ ୨୦୧୯ ମସିହାରେ ଉପକୂଳ ପରିଚାଳନା ଜୋନ୍ (ସିଆର୍‌ଜେଡ୍) ଚିହ୍ନଟ ହୋଇ ନୋଟିଫିକେଶନ ହୋଇଛି। ଏହା ସତ୍ତ୍ୱେ ଓଡ଼ିଶାର କେନ୍ଦ୍ରାପଡ଼ା ସମେତ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଜିଲା ତଟାଞ୍ଚଳ ସୁରକ୍ଷିତ ନୁହେଁ ବୋଲି ଦର୍ଶାଯାଇଛି। ନିକଟରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିବା ସିଏଜି (କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ) ନିର୍ଦ୍ଦେଶକ ସଞ୍ଜୟ କୁମାର ଝାଙ୍କ ୨୦୧୫ରୁ ୨୦୨୦ ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ଏହି ରିପୋର୍ଟରେ ରାଜ୍ୟରେ ବୃଦ୍ଧି ପାଉଥିବା ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନତା ନ ଥିବା କ୍ଷୋଭ ପ୍ରକାଶ କରାଯାଇଛି। ଅନୁଦାନ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଏହାର ସୁଫଳ ମିଳୁ ନ ଥିବା ଉଲ୍ଲେଖ ହୋଇଛି। ଅପରପକ୍ଷରେ ଏହି ସିଏଜି ରିପୋର୍ଟ ପ୍ରକାଶ ଓ ଧରିତ୍ରୀ ଜୁଲାଇ ୧୮ ତାରିଖରେ ଏ ନେଇ ସବିଶେଷ ବିବରଣୀ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିଛି। ଓଡ଼ିଶାରେ ସମୁଦ୍ର ତଟ ସୁରକ୍ଷା ଓ ଲୁଣାବନ୍ଧ ସୁଦୃଢ଼ୀକରଣ ପାଇଁ ରାଜ୍ୟ ଜଳ ସମ୍ପଦ ବିଭାଗ ଓ ରାଷ୍ଟ୍ରୀୟ ସମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ (ଏନ୍‌ଆଇଓଟି) ମଧ୍ୟରେ ବୁଧବାର ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ବିଜୟ କୁମାର ମିଶ୍ର ଓ ଏନ୍‌ଆଇଓଟି ନିର୍ଦ୍ଦେଶକ ଡ. ଜି.ଏ. ରାମ ଦାସ ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟର ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ସମୁଦ୍ର ତଟ ଓ ଲୁଣାବନ୍ଧର ସୁରକ୍ଷା ଦେବାକୁ କୁହାଯାଉଛି।

ସିଏଜି ରିପୋର୍ଟ ଅନୁଯାୟୀ, ତଟାଞ୍ଚଳରେ ଶିଳ୍ପାଞ୍ଚଳ ବିକଶିତ ହୋଇଛି। ସେହିପରି ତଟାଞ୍ଚଳରେ ଚିଙ୍ଗୁଡ଼ି ଘେରି, ବହୁମାତ୍ରାରେ ଲୋକ ବସବାସ କରୁଛନ୍ତି। ଏଥିପାଇଁ ତଟବନ୍ଧ ଓ ପରିବେଶ ଅସୁରକ୍ଷିତ ହୋଇପଡ଼ିଛି। ଜଗତ୍‌ସିଂହପୁର ଜିଲାର ପାରାଦୀପ ଓ ଭଦ୍ରକ ଜିଲାର ଧାମରା ମଧ୍ୟରେ ଥିବା ଉପକୂଳ ଅଞ୍ଚଳର ପରିବେଶ ନିରୀକ୍ଷଣ ପାଇଁ ୨୦୧୩ରୁ ୨୦୧୫ ଭିତରେ ୨ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟରେ ୧୯ଟି ପରୀକ୍ଷାଗାର ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ହସ୍ତାନ୍ତର କରାଯାଇଥିଲା। ଏହି ପରୀକ୍ଷାଗାର ମାଧ୍ୟମରେ ପରିବେଶ ସମ୍ବନ୍ଧୀୟ ତଥ୍ୟ ହାସଲ କରାଯିବା କଥା। ମାତ୍ର ଏହି ବୋର୍ଡ ୩୩ରୁ ୫୯ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ଜଳ ଓ ବାୟୁର ମାନ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ବହୁ ପଛରେ ପଡିଛି। ୨୦୧୬ରୁ ୨୦୧୮ ମସିହା ମଧ୍ୟରେ ରାଜନଗର ମ୍ୟାନ୍‌ଗ୍ରୋଭ ଫରେଷ୍ଟ ଡିଭିଜନ ଓ ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ୨୨୮ ହେକ୍ଟର ଜମିରେ ହେନ୍ତାଳ ବଣ ସୃଷ୍ଟି ହୋଇଥିବା ଦର୍ଶାଯାଇଥିଲା। ତଦନ୍ତ ସମୟରେ ବହୁସ୍ଥାନରେ ହେନ୍ତାଳ ବଣ ଦେଖିବାକୁ ମିଳିନାହିଁ। ଅନ୍ୟ କେତେକ ସ୍ଥାନରେ ମାତ୍ର ୩୫ ପ୍ରତିଶତ ଗଛ ଦେଖିବାକୁ ମିଳିଛି। ସେହିପରି କେନ୍ଦ୍ରାପଡ଼ା ଜିଲା ରାଜନଗରର ପେଣ୍ଠାରେ ୩୨ କୋଟି ୯୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଜିଓ ସିନ୍ଥେଟିକ୍ ୱାଲ ନିର୍ମାଣ ହୋଇଥିଲା। ମାତ୍ର ଏହି ୱାଲ୍‌ର ଗାବିୟନ ବକ୍ସରୁ ପଥର ବାହାରି ସମୁଦ୍ର ମଧ୍ୟକୁ ଚାଲିଯାଉଛି। ୨୦୧୮ ମସିହାରେ ଏହି ଟ୍ୟୁବ୍ ୱାଲ୍‌ର ସୁରକ୍ଷା ପାଇଁ ରାଜ୍ୟ ପାଣ୍ଠିରୁ ୪ କୋଟି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାର ତଦନ୍ତ ସମୟରେ ପେଣ୍ଠ ତଟାଞ୍ଚଳର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏଥିସହ ୨୦୧୯ ଅଗଷ୍ଟରେ ଟ୍ୟୁବ୍ ୱାଲ୍‌ରେ ନିଆଁ ଲାଗି ଯିବାରୁ ଅଧିକ ୩ କୋଟି ୨୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହା ବ୍ୟତୀତ ତଟବନ୍ଧ ସୁରକ୍ଷାକୁ ନେଇ ସିଏଜି ରିପୋର୍ଟରେ ବହୁ ପ୍ରଶ୍ନ ଉଠାଯାଇଛି। ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲାରେ ମୋଟ ୬୪୪.୩୭ କି.ମି.ର ଲୁଣା ତଟବନ୍ଧ ଅଛି। ଏହି ବନ୍ଧ ଅସୁରକ୍ଷିତ ଥିବାରୁ ବନ୍ୟା ଓ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାର ୪୫୫ ଗ୍ରାମାଞ୍ଚଳରେ ସମୁଦ୍ର ଓ ନଦୀ ଜଳ ପଶି ଆସୁଛି। ଏଥିସହ ଜିଲାର ମୋଟ ୬୪ଟି ଗ୍ରାମକୁ ସୁନାମିପ୍ରବଣ ବୋଲି ଚିହ୍ନଟ କରାଯାଇଛି।


ମହାକାଳପଡ଼ା ବ୍ଲକ ନିପାଣିଆ ଅଞ୍ଚଳ ଚାଷ ଜମିରେ ସମୁଦ୍ରର ଲୁଣା ପାଣି ।

## ସଂକ୍ଷେପରେ

### ଶ୍ରୀବଳଦେବଜୀଉଙ୍କ ଆଲବମ୍ ‘ଶିଳାବ୍ରହ୍ମ’ ଉନ୍ମୋଚିତ



ଭୁବନେଶ୍ୱର,୧୧।୮(ବ୍ୟୁରୋ) : ତୁଳସୀକ୍ଷେତ୍ରାଧିଶ ଶ୍ରୀବଳଦେବଜୀଉଙ୍କ ଉପରେ ଆଧାରିତ ଭାବପୂର୍ଣ୍ଣ ପ୍ରଥମ ଭଜନ ଆଲବମ୍ ‘ଶିଳାବ୍ରହ୍ମ’ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜ ନାୟକ ଏହାକୁ ଉନ୍ମୋଚନ କରିଥିଲେ। ସୋଆ ଅଧୀନରେ କାର୍ଯ୍ୟ କରୁଥିବା ଗବେଷଣା ସଂସ୍ଥା ‘ପ୍ରାଚୀନ’ ପକ୍ଷରୁ ପ୍ରସ୍ତୁତ ଏହି ଆଲବମ୍‌ର ଗୀତ ରଚନା କରିଛନ୍ତି ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ସଂଗୀତ ସଂଯୋଜନା କରିଛନ୍ତି କେନ୍ଦ୍ରାପଡ଼ା ବାରୁଅସ୍ଥିତ ଭାବଗ୍ରାହୀ କଳାନିକେତନର ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡା। କଣ୍ଠଶିଳ୍ପୀ ସୌରଭ ନାୟକ, କରୁଣାକର, ସୋହିନୀ ମିଶ୍ର ଓ ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ କଣ୍ଠଦାନ କରିଛନ୍ତି। ଉନ୍ମୋଚନ ଅବସରରେ ପ୍ରଫେସର ନାୟକ ଶିକ୍ଷା ଓ ଅନୁସନ୍ଧାନ ନାମର ମହତ୍ତ୍ୱ ସମ୍ପର୍କରେ କହିବା ସହ ବର୍ତ୍ତମାନ ଏହି ବିଶ୍ୱବିଦ୍ୟାଳୟ ସଂସ୍କୃତି ଏବଂ ଐତିହ୍ୟକୁ ନେଇ ମଧ ଗବେଷଣା ଆରମ୍ଭ କରିଛି। ଏଥି ନିମନ୍ତେ ‘ପ୍ରାଚୀନ’ ବିଭାଗ କାର୍ଯ୍ୟ କରୁଛି ବୋଲି ସେ ସୂଚନା ଦେଇଛନ୍ତି। ଆଲବମ୍‌ରେ ୬ଟି ଗୀତ ରହିଛି। ପ୍ରମେୟର ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବ୍ୟୁରୋ ଚିଫ୍ ଦେବେନ୍ଦ୍ର ସୁଆର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ୟାଟେରି ଚୋରି ଅଭିଯୋଗରେ ଆଉ ୨ ଗିରଫ

କଳିଙ୍ଗନଗର,୧୧।୮(ଡି.ଏନ.ଏ.): ଦାନଗଦି ଫାଣ୍ଡି ଅନ୍ତର୍ଗତ ତ୍ରିଜଙ୍ଗା କଲୋନୀରେ ଏକ ଟ୍ରକ୍‌ରୁ ବ୍ୟାଟେରି ଚୋରି ମାମଲାରେ ପୋଲିସ ଗୁରୁବାର ଆଉ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତ୍ରିଜଙ୍ଗା କଲୋନୀର ସେକ୍ ମୁଜାଫର ଇକ୍ବାଲ ରାହି ଓ ଦାନଗଦିର ବିଟୁ ମହାକୁଡ଼। ପୂର୍ବରୁ ଏହି ଘଟଣାରେ ତ୍ରିଜଙ୍ଗା ଗ୍ରାମର ସେକ ସାହିଲଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ନରେନ୍ଦ୍ର କୁମାର ଧଳଙ୍କ ଟ୍ରକ୍ ଦାନଗଦି ଛକରେ ଛିଡ଼ା ହୋଇଥିଲା। ଗାଡ଼ିରେ ଡ୍ରାଇଭର ରୋହିତ ପାତ୍ର ଶୋଇଥିବା ବେଳେ ଗତ ୩୧ ତାରିଖ ରାତି ପ୍ରାୟ ୩ଟାରେ ୩ ଯୁବକ ଗାଡ଼ିରୁ ବ୍ୟାଟେରି ଚୋରି କରି ନେଇଥିଲେ। ଡ୍ରାଇଭର ସେମାନଙ୍କୁ ଦେଖି ଦେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଅନୁସନ୍ଧାନ ଆରମ୍ଭ କରି ସେକ ସାହିଲଙ୍କୁ ପ୍ରଥମେ ଗିରଫ କରିଥିଲା। ଅନ୍ୟ ଦୁଇଜଣ ଫେରାର ଥିଲେ। ସେମାନେ ଦାନଗଦିରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା।

# ତୁଳସୀ କ୍ଷେତ୍ରାଧିପତିଙ୍କ ଜନ୍ମୋତ୍ସବ

## ଲାଗି ହେଲେ ପାଟରାଖୀ, ସୁନାଚିତା, କାଠିମୁକୁଟ

କେନ୍ଦ୍ରାପଡ଼ା ଅଫିସ, ୧୧।୮

କେନ୍ଦ୍ରାପଡ଼ା ଜିଲା ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଜନ୍ମୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜୀଉଙ୍କୁ ସୁନାଚିତା, କାଠିମୁକୁଟ ଲାଗି କରାଯିବା ସହ ଶ୍ରୀଜୀଉଙ୍କ ତୁଳସୀ ବେଶ ଅନୁଷ୍ଠିତ ହୋଇଛି। ଗତ ଦଶମୀ ତିଥିରେ ପୁରୀ ଶ୍ରୀମନ୍ଦିରରୁ ଭଉଣୀ ସୁଭଦ୍ରାଙ୍କ ନିକଟରୁ ଆସିଥିବା ପାଟରାଖୀ ବଡ଼ଭାଇ ଶ୍ରୀବଳଦେବ ଓ ସାନଭାଇ ଶ୍ରୀଜଗନ୍ନାଥଙ୍କୁ ଲାଗି କରାଯାଇଛି। ଶ୍ରୀଜୀଉଙ୍କ ଜନ୍ମୋତ୍ସବ ଉପଲକ୍ଷେ ସହରର ଇଚ୍ଛାପୁରସ୍ଥିତ ମନ୍ଦିରରେ ସକାଳ ୫ଟାରୁ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ଶ୍ରୀଜୀଉଙ୍କ ମଙ୍ଗଳାର୍ପଣ ପରେ ଜନ୍ମୋତ୍ସବ ଉପଲକ୍ଷେ ପେଡାଭୋଗ ମଣୋହି କରାଯାଇଥିଲା। ପରେ କାଠିମୁକୁଟ ଓ ଅଧରମାଳ ଲାଗି କରାଯାଇ ଗହ୍ମା ଅଭିଷେକ ନୀତି ସମ୍ପନ୍ନ କରାଯାଇଥିଲା। ଶ୍ରୀକ୍ଷେତ୍ରରୁ ଆସିଥିବା ପାଟରାଖୀକୁ ମଝିବାଡ଼ ପୂଜାପଣ୍ଡା ଅର୍ପଣ କରିଥିଲେ। ଗହ୍ମା ଅଭିଷେକ ଉପଲକ୍ଷେ ହୋମଯଜ୍ଞ ସହ ଜୀଉମାନଙ୍କୁ ୧ ଲକ୍ଷ ତୁଳସୀ ଅର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ମନ୍ଦିର ଭିତରେ ଓ ବାହାରେ ଭଜନ, କୀର୍ତ୍ତନ, ସ୍ତୁତି, ନାମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ମନ୍ଦିର ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସୁପରଭାଇଜର ନୃସିଂହ ଚରଣ ପତ୍ରୀ, ପୂର୍ବତନ ଟ୍ରଷ୍ଟି ଧୀରେନ ସାହୁ, ବଳରାମ ସୁଆର, ଗଗନ ପତ୍ରୀ, ଧର୍ମଦର୍ଶୀ କର, ୩ ବାଡ଼ର ପୂଜାପଣ୍ଡା ପ୍ରମୁଖ ପରିଚାଳନା ଓ ନିରୀକ୍ଷଣ କରିଥିଲେ।



# ପୋଖରୀରୁ ଦଳ କାଢ଼ିବା ବେଳେ ଜଣେ ମୃତ

ଜଗତସିଂହପୁର ଅଫିସ, ୧୧।୮

ବିରିଡ଼ି ଥାନା ଅନ୍ତର୍ଗତ ଅଣିଖିଆ ନାଇଲୋ ଗାଁରେ ପୋଖରୀରୁ ଦଳ କାଢୁଥିବାବେଳେ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଯଚିନ୍ଦ୍ର ଭୋଇ (୪୨)। ତାଙ୍କୁ ସାପ କାମୁଡ଼ି ଥିବା ଆଶଙ୍କା କରାଯାଉଛି। ଯଚିନ୍ଦ୍ର ଗାଁ ନିକଟ ଏକ ପୋଖରୀରୁ ଦଳ କାଢୁଥିବାବେଳେ ହଠାତ୍ ଅସୁସ୍ଥ ହୋଇଯାଇଥିଲେ। ଦେହ ଝିମ୍‌ଝିମ୍ ହେବା ପରି ସେ ଅନୁଭବ କରିଥିଲେ। ପାଖରେ ଥିବା ଲୋକେ ତାଙ୍କୁ ନେଇ ନିକଟସ୍ଥ କାଲୁଣୀ ମନ୍ଦିରରେ ଶୁଆଇ ଦେଇଥିଲେ। ତା’ପରେ ୧୦୮ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ଆମ୍ବୁଲାନ୍ସ ଜରିଆରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଯଚିନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଜଗତ୍‌ସିଂହପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଭୋଟ୍ ପୁନଃ ଗଣତି ମାମଲା ଖାରଜ

ବରୀ,୧୧।୮(ଡି.ଏନ.ଏ.):

ବରୀ ବ୍ଲକ୍ ଅନ୍ତର୍ଗତ କଳାମାଟିଆ ପଞ୍ଚାୟତରେ ଭୋଟ୍ ପୁନଃ ଗଣତି ପାଇଁ ହୋଇଥିବା ମାମଲା ଖାରଜ ହୋଇଯାଇଛି। ସରପଞ୍ଚ ରଶ୍ମିତା ପରିଡ଼ାଙ୍କ ବିରୋଧରେ ତାଙ୍କଠାରୁ ପରାଜିତ ହୋଇଥିବା ପ୍ରାର୍ଥିନୀ ଲିପିକା ପଣ୍ଡା ସିଭିଲ ଜଜ୍ ଜୁନିୟର ଡିଭିଜନ ତଥା ନିର୍ବାଚନ ଟ୍ରିବ୍ୟୁନାଲ ଯାଜପୁରରେ ନିର୍ବାଚନ ମିସ୍ କେସ୍ ନଂ.୦୫/୨୦୨୨ ଦାଖଲ କରିଥିଲେ। ରଶ୍ମିତା ସେହି କେସ୍‌ରେ ହାଜର ହୋଇ ତାଙ୍କର ଜବାବ ଦାଖଲ କରିଥିଲେ। ପ୍ରତିପକ୍ଷ ପୁନଃ ଗଣତି ପାଇଁ ଦାଖଲ କରିଥିବା ମକଦ୍ଦମା ଆଦୌ ଗ୍ରହଣୀୟ ନୁହେଁ ଏବଂ ସେହି ମକଦ୍ଦମା ଲାଗି ଆବଶ୍ୟକ ଅର୍ଥରାଶି ଠିକ୍ ଢଙ୍ଗରେ ପଇଠ କରାଯାଇ ନ ଥିବାରୁ ସରପଞ୍ଚଙ୍କ ତରଫରୁ ନିଯୁକ୍ତ ଓକିଲ ଯୁକ୍ତି ଉପସ୍ଥାପନ କରି ଏକ ସ୍ୱତନ୍ତ୍ର ଦରଖାସ୍ତ ଦାଖଲ କରିଥିଲେ। ସେହି ଦରଖାସ୍ତକୁ ନିର୍ବାଚନ ଟ୍ରିବ୍ୟୁନାଲ ଗ୍ରହଣ କରି ଲିପିକା ଦାଖଲ କରିଥିବା ମାମଲାକୁ ୦୮।୦୮।୨୦୨୨ରେ ଖାରଜ କରିଦେଇଛନ୍ତି। ସରପଞ୍ଚ ପରିଡ଼ାଙ୍କ ତରଫରୁ ଏହି ମାମଲାକୁ ଆଇନଜୀବୀ ବିରଜା ପ୍ରସାଦ ପରିଡ଼ା ଓ ଶୀତଲ ପରିଡ଼ା ପରିଚାଳନା କରୁଥିଲେ। ଲିପିକାଙ୍କ ପକ୍ଷରୁ ଓକିଲ ରମାକାନ୍ତ ଘଡ଼ାଇ ଓ ପ୍ରତାପ ଜେନା ମାମଲା ପରିଚାଳନା କରୁଥିଲେ।

# ବଣରେ ପରିଣତ ୯ ଲକ୍ଷର ନୀଳକଣ୍ଠେଶ୍ୱର ଗ୍ରାମୀଣ ପାର୍କ


ଶ୍ରୀନୀଳକଣ୍ଠେଶ୍ୱର ଗ୍ରାମୀଣ ପାର୍କ ଅନାବନା ଗଛରେ ଭର୍ତ୍ତି ହୋଇଛି।

କେନ୍ଦ୍ରାପଡ଼ା ଅଫିସ, ୧୧।୮

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ପଞ୍ଚାୟତ ଦେଉଳି ଗ୍ରାମ ଓ ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତ କଳପଡା ଗ୍ରାମ ମଝିରେ ନୀଳକଣ୍ଠେଶ୍ୱର (ବିଲ ମହାଦେବ) ମନ୍ଦିର। ମନ୍ଦିର ପାଖକୁ ଲାଗି ୨୦୨୦ ମସିହାରେ ଗ୍ରାମୀଣ ପାର୍କ ନିର୍ମାଣ ହୋଇଥିଲା। ତେବେ ଏହି ପାର୍କ ଏବେ ବଣରେ ପରିଣତ ହୋଇଥିବା ବେଳେ ପ୍ରକଳ୍ପ ଅର୍ଥ ୯,୨୫,୦୧୩ ଟଙ୍କା ବ୍ୟର୍ଥ ହୋଇଛି। ସେହିପରି ମନ୍ଦିର ନିକଟରେ ଶ୍ରଦ୍ଧାଳୁଙ୍କ ପାଇଁ ଆଶାନୁରୂପକ ସୁବିଧା ମିଳୁନାହିଁ। ଏପରି ଅଭିଯୋଗ ଉତ୍କଳମଣି ଯୁବକ ସଂଘ ଓ ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ ଆଣି କେନ୍ଦ୍ରାପଡ଼ା ଜିଲାପାଳ ଓ ରାଜ୍ୟ ସଂସ୍କୃତି ବିଭାଗ ନିରୀକ୍ଷକଙ୍କୁ ସମାଧାନ ପାଇଁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସଂଘ ସଭାପତି ଗୌତମ ଚରଣ ବେହେରା ଓ ସାମାଜିକ କର୍ମୀ ଗନ୍ତାୟତ କହିଛନ୍ତି, କେନ୍ଦ୍ରାପଡ଼ା ସହରଠାରୁ ୨୫ କିମି ଦୂରରେ ଥିବା ଏହି ମନ୍ଦିରରେ ପ୍ରତ୍ୟେକ ଦିନ ୫୦୦ରୁ ଅଧିକ ଶ୍ରଦ୍ଧାଳୁ ବିଲ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥା’ନ୍ତି। ସୋମବାର ଓ ସଂକ୍ରାନ୍ତିରେ ଭିଡ଼ ଅଧିକ ହୋଇଥାଏ। ତେବେ ଏହି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ବିଶ୍ରାମ ପାଇଁ କୌଣସି ବ୍ୟବସ୍ଥା ନାହିଁ। ପ୍ରତିବର୍ଷ ଏଠାରେ ଦୁଇ ହଜାରରୁ ଅଧିକ ବିବାହ ହେଉଥିଲେ ମଧ ରୋଷଘର ଓ ଅନ୍ୟ ସୁବିଧା ନାହିଁ। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ୯,୨୫,୦୧୩ ଟଙ୍କାର ଗ୍ରାମୀଣ ପାର୍କ ଏଠାରେ ନିର୍ମାଣ ହୋଇଛି। ତେବେ ଏହି ପାର୍କ ଏବେ ବଣବୁଦାରେ ପରିପୂର୍ଣ୍ଣ ହୋଇଛି। ଏହାର ଉନ୍ନତୀକରଣ ପାଇଁ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

# ଗୋଡ଼ ସାହାଯ୍ୟରେ ଭାଇ ହାତରେ ରାଖୀ ବାନ୍ଧିଲେ ଦିବ୍ୟାଙ୍ଗ ଭଉଣୀ

ଆଳି,୧୧।୮(ଡି.ଏନ.ଏ.)

ଗୁରୁବାର ଥିଲା ପବିତ୍ର ରକ୍ଷାବନ୍ଧନ ଉତ୍ସବ। ଭଉଣୀଟିଏ ଭାଇ ହାତରେ ରାଖୀ ବାନ୍ଧିବା ପାଇଁ ଏହି ଦିନକୁ ହିଁ ଚାହିଁ ରହିଥାଏ। ଭଉଣୀ ଭାଇଙ୍କୁ ଚନ୍ଦନ ସିନ୍ଦୁର ଦେଇ ବନ୍ଦାପନା କରିବା ପରେ ରାଖୀ ବାନ୍ଧି ତା’ର ସୁରକ୍ଷା କବଚ ଭାବେ ସାରାଜୀବନ ପାଇଁ ରଖିଥାଏ। ଗୁରୁବାର କେନ୍ଦ୍ରାପଡ଼ା ଜିଲା ଆଳି କଳସପୁର ଗାଁର ଦିବ୍ୟାଙ୍ଗ ଭଉଣୀ ଉର୍ବଶୀ ଦାସ ନିଜ ଭାଇଙ୍କୁ ଗୋଡରେ ରାଖୀ ବାନ୍ଧିଛନ୍ତି। ଉର୍ବଶୀ କୁହନ୍ତି, ଭଗବାନ ସିନା ତାଙ୍କୁ ହାତ ଦେଇନାହାନ୍ତି କିନ୍ତୁ ସେ ତାଙ୍କର ଗୋଡ଼ ସାହାଯ୍ୟରେ ଭାଇଙ୍କୁ ବନ୍ଦାପନା କରିବା ସହ ହାତରେ ରାଖୀ ବାନ୍ଧିବାରେ ଖସି ହୋଇଛନ୍ତି। ପରେ ଭଉଣୀଭାଇ ପରସ୍ପରକୁ ମିଠା ଖୁଆଇଛନ୍ତି। ଏହି ଦୃଶ୍ୟ ଦିବ୍ୟାଙ୍ଗମାନଙ୍କ ପାଇଁ ନିଶ୍ଚିତ ଭାବେ ଉଦାହରଣ ପାଲଟିବ। ସୂଚନାଯୋଗ୍ୟ, ଉର୍ବଶୀଙ୍କର ଦୁଇ ହାତ ଜନ୍ମରୁ ଅଚଳ। ସେ ତାଙ୍କ ଗୋଡ଼ ସାହାଯ୍ୟରେ ନିଜର ସମସ୍ତ ନିତ୍ୟକର୍ମ କରିବା ସହ ପାଠ ପଢି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଭାବେ କାର୍ଯ୍ୟରତ ଅଛନ୍ତି।


ଦିବ୍ୟାଙ୍ଗ ଭଉଣୀ ଉର୍ବଶୀ ଭାଇ ହାତରେ ଗୋଡ ସାହାଯ୍ୟରେ ରାଖୀ ବାନ୍ଧୁଛନ୍ତି।

# ରୁଆ ହୋଇଥିବା ଧାନତଳି ପଚିଯିବା ଆଶଙ୍କା

## ଲଘୁଚାପ ବର୍ଷାରେ ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ

ପଟ୍ଟାମୁଣ୍ଡାଇ,୧୧।୮(ସ୍ୱ.ପ୍ର.)

ଚାଷ ପାଇଁ ଚଳିତ ବର୍ଷ ପାଗଯୋଗ ଠିକ୍ ନାହିଁ। ବିଳମ୍ବିତ ମୌସୁମୀ ସାଙ୍ଗକୁ ଧାନତଳି ପକା ଯାଇଥିଲା। ତା’ ମଧ୍ୟରୁ ଅନେକ ବିହନ ଗଜା ହେଲାନାହିଁ ତ ପୁଣି ଯେତିକି ତଳି ଉତୁରି ଥିଲା ତା’ ମଧ୍ୟରୁ ନୂଆ କରି ପୋତା ଯାଇଥିବା ଧାନ ତଳିଗୁଡ଼ିକ ପ୍ରାୟତଃ ୫୦ ଭାଗ ଲଘୁଚାପଜନିତ ଲଗାଣ ବର୍ଷାରେ ପଚିବାକୁ ବସିଲାଣି। ଆଉ ନୂଆ ତଳି ପକାଇବା ପାଇଁ ଚାଷୀ ପାଖରେ ସମୟ ନା ସମ୍ବଳ ଅଛି। ଏମିତିରେ ଏ ବର୍ଷ ଖରିଫ୍ ଋତୁର ଅଢେଇ ମାସ ଚାଲିଗଲା। ନଷ୍ଟ ହୋଇଯାଇଥିବା ବିହନ ବଦଳରେ ବିହନ ମିଳିବା ବି କଠିନ ହୋଇପଡିଲାଣି। ଦୋସିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଳିତବର୍ଷ ଖରିଫ୍ ଧାନଚାଷ ପାଇଁ ପାଣିପାଗ ଅନୁକୂଳ ନ ଥିବା ଯୋଗୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଧାନତଳି ପକାଇବା ସହ ପର୍ଯ୍ୟାୟକ୍ରମେ ବେଉଷଣ ଓ ଧାନତଳି ରୋଇବା କାର୍ଯ୍ୟ ବିଳମ୍ବ ହୋଇଥିଲା। ଚାଷୀଟିଏ ଶତପ୍ରତିଶତ ଧାନ ଅମଳ କରିବାର ଆଶା ବାନ୍ଧିଥିଲା। ମାତ୍ର ଚଳିତ ଲଘୁଚାପ ବର୍ଷା ସବୁ ଚାଷୀଙ୍କ ହସ ଛଡ଼ାଇ ନେଇଛି। ନୂଆ କରି ରୁଆଯାଇଥିବା ଧାନତଳି ଲଗାଣ ବର୍ଷା ଯୋଗୁ ପଚିଯିବାକୁ ବସିଲାଣି। ଚାଷୀ ହିଡ଼ କାଟି, ପାଣି ବୋହି ରୁଆ ହୋଇଥିବା ଧାନ ତଳିକୁ ବଞ୍ଚାଇ ରଖିବାର ସମସ୍ତ ଚେଷ୍ଟା ମଧ୍ୟ କରୁଛନ୍ତି। ରୁଆ ହୋଇଥିବା ତଳି ବଞ୍ଚାଇବାକୁ ପାଣି ବୋହି ବୋହି ଚାଷୀ ନୟାନ୍ତ ହେଉଛି। ତଥାପି ରୁଆ ହୋଇଥିବା ତଳିକୁ ବଞ୍ଚାଇ ପାରୁନି। ତଳି ଚେର ଧରିବା ପୂର୍ବରୁ ଚାଷଜମିରେ ପାଣି ଭର୍ତ୍ତି ହୋଇଯାଉଛି। ଏବେ ସୁଦ୍ଧା ଅନିୟମିତ ବର୍ଷା ପାଇଁ ୬୦% ଜମିରେ ହଳ ଗାର ପଡ଼ିପାରି ନାହିଁ। ୪୦% ଜମିରେ ତଳି ପକାଯାଉଛି ତ କେଉଁଠି ତଳି ରୁଆ ହୋଇଛି। ଆଗକୁ ରୁଆ ତଳି ବଞ୍ଚି ରହିବା, ବିଭିନ୍ନ ପ୍ରକାର ପୋକ ଲାଗିବା, କୀଟନାଶକ, ସାର ପଡିବା ଆଉ ପାଗର ଅବସ୍ଥା କିପରି ହେବ ସେ ନେଇ ଚାଷୀ ସନ୍ଦେହରେ ରହିଛନ୍ତି।

ସେହିପରି କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକର କେତେକ ଅଞ୍ଚଳରେ ବର୍ଷା ଅଭାବରୁ ଶ୍ରାବଣରେ ବି ଜମି ଶୁଖିଲା ପଡିଥିଲା। ଆଉ କେତେକ ଅଞ୍ଚଳରେ ଉଚ୍ଚା ଜମିରେ ପାଣି ନାହିଁ। ଲଘୁଚାପଜନିତ ବର୍ଷା ଯୋଗୁ ତଳିଆ ଜମିରେ ପାଣି ଭର୍ତ୍ତି ହୋଇଯିବାରୁ ଚାଷୀ ହତାଶ ହୋଇପଡିଛନ୍ତି। ଅନ୍ୟପକ୍ଷରେ କେନାଲରେ ପାଣି ଛାଡିବା ସମୟରେ ପାଣି ମିଳିଲା ନାହିଁ। ମାତ୍ର ଲଗାଣ ବର୍ଷା ଫଳରେ ଦରକାର ନ ଥିବା ସମୟରେ କେନାଲରେ ଉଚ୍ଛୁଳା ପାଣି ଛଡାଯାଉଛି।

ଗତବର୍ଷର ଅନିୟମିତ ବର୍ଷା ଯୋଗୁ ଉତ୍ପାଦନ ହ୍ରାସ ହେବା ସହ ଚାଷରେ ଖର୍ଚ୍ଚ ଅଧିକ ହୋଇଥିବା ନେଇ ଚାଷୀ ଭାଙ୍ଗି ପଡିଥିଲେ। ଚଳିତବର୍ଷ କ୍ଷତିଭରଣା ହେବ ଭାବି ମନକୁ ବୁଝାଉଥିବା ଚାଷୀ ଏ ବର୍ଷ ପ୍ରାକୃତିକ ଦୁର୍ବିପାକକୁ ସାମ୍ନା କରୁଛି। ଏହାଦ୍ୱାରା ଚାଷୀ କେତେଦୂର ଫସଲ ଆମଦାନୀ କରିପାରିବାରେ ସଫଳ ହେବ ସେ ନେଇ ପରିଶ୍ରମ କରି ଚାଲିଛି। ପଟ୍ଟାମୁଣ୍ଡାଇ ବ୍ଲକ କୃଷି ଅଧିକାରୀ ଭଦ୍ରନାରାୟଣ ଦାସଙ୍କୁ ପଚାରିବାରେ ଚଳିତବର୍ଷ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧୧,୭୦୦ ହେକ୍ଟର ଜମିରେ ଖରିଫ୍ ଧାନଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଅନିୟମିତ ବୃଷ୍ଟିପାତ ଯୋଗୁ ୮,୨୪୫ ହେକ୍ଟର ଜମିରେ ଚାଷ ପାଇଁ ତଳି ପଡି ରୁଆ କାର୍ଯ୍ୟ ଚାଲୁଅଛି। ମାତ୍ର ଲଘୁଚାପଜନିତ ଲଗାଣ ବର୍ଷା କିଛି ମାତ୍ରାରେ ନୂଆ ରୁଆ ଉପରେ କ୍ଷତି କରି ପାରେ। ଅଦ୍ୟାବଧି ପ୍ରାୟ ୪, ୩୦୦ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇପାରିଛି ବୋଲି ସେ କହିଛନ୍ତି।


ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚାଷ ଜମିରେ ରୁଆ ହୋଇଥିବା ଧାନ ତଳି ପାଣିରେ ବୁଡି ରହିଛି।

## ସଂକ୍ଷେପରେ

### ମାଡ଼ ମାରି ଜଣେ ଗିରଫ

ଧର୍ମଶାଳା,୧୧।୮(ଡି.ଏନ.ଏ.): ମାଡ଼ ମାରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଜେନାପୁର ଥାନା ଅନ୍ତର୍ଗତ ଜେନାପୁର ଗ୍ରାମର ରବି ମଲିକ(୪୦)। ରବି ସେହି ଗ୍ରାମର ବିଜୟ ମଲିକଙ୍କୁ ଆକ୍ରମଣ କରିଥିଲେ। ଏନେଇ ବିଜୟଙ୍କ ସ୍ତ୍ରୀ ଚୁମୁଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗତମାସ ୨୪ ତାରିଖ ସନ୍ଧ୍ୟାରେ ରବି ଠେଙ୍ଗାରେ ପିଟି ବିଜୟଙ୍କୁ ଗୁରୁତର କରିଥିଲେ। ଫଳରେ ବିଜୟଙ୍କ ବାମହାତ ଭାଙ୍ଗି ଯାଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ପୋଲିସ ଚୁମୁଡିଙ୍କ ଅଭିଯୋଗ ଆଧାରରେ ମାମଲା ନଂ.୨୦୩/୨୨ ରୁଜୁ କରି ତଦନ୍ତ ଚଳାଇଥିଲା। ରବିଙ୍କୁ ବୁଧବାର ରାତିରେ ଗିରଫ କରାଯାଇଥିଲା। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ରକ୍ଷାବନ୍ଧନ, ବଳଦେବଙ୍କ ଜନ୍ମୋତ୍ସବ

ଜେନାପୁର,୧୧।୮(ଡି.ଏନ.ଏ.): ସ୍ନେହ, ପ୍ରେମ ଓ ବିଶ୍ୱାସର ପ୍ରତୀକ ସାଜିଥିବା ରାଖୀପୂର୍ଣ୍ଣିମା ଓ ବଳଦେବଙ୍କ ଜନ୍ମ ଉତ୍ସବ ଧର୍ମଶାଳା ବ୍ଲକ ଅଧୀନ ଜେନାପୁର, ବୃନ୍ଦାଦେଇପୁର, ରଘୁନାଥପୁର, ମାର୍ଜିତାପୁର, କବାଟ ବନ୍ଧ, ମଧୁସୂଦନପୁର, ରାଇଛନ୍ଦା, ଅଞ୍ଜିରା, ସାହାଣୀଡିହ ଆଦି ପଞ୍ଚାୟତର ପୁରପଲ୍ଲୀରେ ପାଳିତ ହୋଇଯାଇଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ପ୍ରତ୍ୟେକ ହିନ୍ଦୁ ପରିବାର ବଳଦେବଙ୍କ ଜନ୍ମ ବା ଗହ୍ମା ପୂନେଇଁ ପାଳନ କରିଛନ୍ତି। ଚାଷ କାମ ସରିଥିବାରୁ ବଳଦଙ୍କୁ ଗାଧୋଇବା ଦେବା ପରେ ପୂଜା କରାଯାଇଛି। ସେହିପରି ସକାଳୁ ଭଉଣୀମାନେ ଭାଇମାନଙ୍କ ହାତରେ ରାଖୀ ବାନ୍ଧିଛନ୍ତି।

### ଡିଭାଇଡରେ ପିଟିହେଲା କାର୍

ପାଣିକୋଇଲି,୧୧।୮(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଟୋଲପ୍ଲାଜା ଡିଭାଇଡରେ ଏକ କାର୍ ଭାରସାମ୍ୟ ହରାଇ ପିଟି ହୋଇଛି। ଫଳରେ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବାରିପଦା ଅଞ୍ଚଳର ଶିଶିର କୁମାର ଦାଶ, ପ୍ରମୋଦ ଅଗ୍ରୱାଲା, ମୁକେଶ ଶର୍ମା ଓ କାର୍ ଚାଳକ ସେରଜିତ ବେହେରା। ସମସ୍ତେ ଭୁବନେଶ୍ୱର ଏମ୍ସ ହସ୍ପିଟାଲ ଯାଇ କାର୍ ନଂ.(ଜେଏଚ୍-୨୨-ସି-୨୧୫୭) ଯୋଗେ ଘରକୁ ଫେରୁଥିଲେ। ବର୍ଷା ଯୋଗୁ ଭାରସାମ୍ୟ ହରାଇ କାରଟି ଟୋଲ ପ୍ଲାଜା ଡିଭାଇଡରେ ପିଟିହୋଇଥିଲା। ଟୋଲ ଗେଟ୍ କର୍ମଚାରୀଙ୍କଠାରୁ ଖବର ପାଇ ରାଜପଥ ପାଟ୍ରୋଲିଂ ଗାଡ଼ି ପହଞ୍ଚି ଆହତଙ୍କ ପ୍ରାଥମିକ ଚିକିତ୍ସା କରାଇଥିଲା। ପରେ ସେମାନଙ୍କ ପରିବାରକୁ ଖବର ଦିଆଯାଇଥିଲା।

### ଗୋରୁ ଗାଡ଼ି ଚାଳକ କୋର୍ଟ ଚାଲାଣ

ପାଣିକୋଇଲି,୧୧।୮(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ବ୍ରଜନଗର ଗ୍ରାମ ନିକଟରେ ୭ତାରିଖ ଭୋର ସମୟରେ ଭାରସାମ୍ୟ ହରାଇ ଏକ ଟ୍ରକ ଓଲଟି ପଡ଼ିଥିଲା। ଫଳରେ ଟ୍ରକ୍‌ରେ ଥିବା ୧୫ଟି ଗାଈ ମଧ୍ୟରୁ ୧୪ଟିର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଚାଳକ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହମିଦବିନ୍ଧା ଗ୍ରାମର ରମେଶ ସାହୁ (୫୭)। ଉକ୍ତ ଟ୍ରକଟି ଭଦ୍ରକ ଆଡୁ ପାଣିକୋଇଲି ଆଡେ ଗୋରୁ ବୋଝେଇ କରି ଆସୁଥିବା ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଜଣାପଡିଥିଲା। ପୋଲିସ ଏକ ମାମଲା ନଂ.୧୭୭/୨୨ ରୁଜୁ କରିବା ସହ ଟ୍ରକ୍‌କୁ ଜବତ କରି ତଦନ୍ତ ଜାରି ରଖିଥିଲା।

### ପାଟଣାରେ ଝୁଲଣଯାତ୍ରା

ଛତିଆ,୧୧।୮(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ ଇଚ୍ଛାନଗର ପାଟଣା ଦୁର୍ଗା ମନ୍ଦିର ପରିସରରେ ରାଧାମୋହନଙ୍କ ଝୁଲଣ ଯାତ୍ରା ପାଞ୍ଚଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସୁସଜ୍ଜିତ ଝୁଲଣର କୁଞ୍ଜ ନିର୍ମାଣ କରାଯାଇ ରାଧାମୋହନଙ୍କ ପ୍ରତିମାଙ୍କୁ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯାଇଥିଲା। ରବୀନ୍ଦ୍ର ନାଥଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗିରିଶ ପାତ୍ର, ଯୁଗଳ ବେହେରା, ପ୍ରମୋଦ ବେହେରା, ମଙ୍ଗୁ ନାଥ, ବାଇଧର ରାଉଳ, ସୁନୀଲ ବାରିକ, ରାଜେନ୍ଦ୍ର ରାଉଳ ପ୍ରମୁଖ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ଝାଡ଼ାବାନ୍ତିକୁ ଆମନ୍ତ୍ରଣ କରୁଛି ୱାଟ୍‌କୋ

ଯାଜପୁର ରୋଡ,୧୧।୮(ଡି.ଏନ.ଏ.)


ବ୍ୟାସନଗରଠାରେ ଥିବା ୱାଟ୍‌କୋର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ।

ଯାଜପୁର ଜିଲାର ବ୍ୟାସନଗର ପୌରାଞ୍ଚଳବାସୀଙ୍କୁ ନିୟମିତ ଭାବେ ଗୋଳିଆ ପାଣି ଯୋଗାଣ କରି ୱାଟକୋ ଝାଡ଼ାବାନ୍ତିକୁ ଆମନ୍ତ୍ରଣ କରୁଛି ବୋଲି ଚର୍ଚ୍ଚା ହେଉଛି। ନିକଟରେ ରାଜ୍ୟର ରାୟଗଡା, କୋରାପୁଟ, ନବରଙ୍ଗପୁର, ସୋନପୁର, ନୂଆପଡା, ଗଜପତି ଓ ଝାରସୁଗୁଡା ଜିଲାରେ ଝାଡ଼ାବାନ୍ତି ସଂକ୍ରମଣ ହୋଇଥିବାରୁ ଶତାଧିକ ଲୋକ ଆକ୍ରାନ୍ତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆର୍‌ଡବ୍ଲୁଏସଏସ) ବିଭାଗ ପକ୍ଷରୁ ସଂପୃକ୍ତ ଅଧୀକ୍ଷଣ ଓ ନିର୍ବାହୀ ଯନ୍ତ୍ରୀମାନଙ୍କୁ ପ୍ରତି ସପ୍ତାହରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବ୍ୟାସନଗର ସହରବାସୀଙ୍କୁ ଗୋଳିଆ ପାଣି ଯୋଗାଣ କରି ୱାଟକୋ କେବଳ ଅପରାଧିକ କାର୍ଯ୍ୟ କରୁନାହିଁ ବରଂ ଲୋକଙ୍କ ଜୀବନ ସହ ଖେଳ ଖେଳୁଛି ବୋଲି ଅଭିଯୋଗ ହେଉଛି। ଅପରପକ୍ଷେ ବିଭାଗୀୟ କର୍ତ୍ତୃପକ୍ଷ ବିଭିନ୍ନ ଆଳଦେଖାଇ ଏହାକୁ ଅତି ହାଲୁକା ଭାବେ ନେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ମରାମତିଠାରୁ ଆରମ୍ଭ କରି ବିଭିନ୍ନ ଆଳରେ ବର୍ଷକୁ ୱାଟକୋ ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିବାବେଳେ ଗୋଳିଆ ପାଣି ଯୋଗାଣ ନେଇ ସହରବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବ୍ୟାସନଗର ପୌରାଞ୍ଚଳରେ ୨୦୧୧ରୁ ଅର୍ବାନ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫର ସ୍ମଲ ଆଣ୍ଡ ମିଡିୟମ ଟାଉନ(ୟୁଆଇଡିଏସ୍ଏମ୍‌ଟି) ଯୋଜନାରେ ୧୪.୫୧କୋଟି ଟଙ୍କା ବ୍ୟୟ ଅଟକଳରେ ଖରସ୍ରୋତା-ମୁଣ୍ଡମାଳା ଟ୍ରିଟମେଣ୍ଟ ପ୍ଲାନ ଆରମ୍ଭ ହୋଇଥିଲା। ତେବେ ଜଙ୍ଗଲ ଜମି ବିବାଦରେ ଛନ୍ଦି ହୋଇଥିବାରୁ ପ୍ରକଳ୍ପର କାର୍ଯ୍ୟକାରିତାରେ ବିଳମ୍ବ ହୋଇଥିଲା। ଏହି ପ୍ରକଳ୍ପ ୨୦୧୮ରେ ପୂର୍ଣ୍ଣତା ଲାଭ କରି ସହରବାସୀଙ୍କୁ ଖରସ୍ରୋତା ନଦୀରୁ ପାଣି ଉଠାଇ ଟ୍ରିଟମେଣ୍ଟ କରି ଜଳଯୋଗାଣ କରାଯାଉଛି। ସେହି ସମୟରେ ପ୍ରାୟ ୪୦ ବର୍ଷର ପୁରୁଣା ପାଇପ ବଦଳାଇ ନୂଆ ପାଇପ ବିଛା ହୋଇଛି। ଏଥିପାଇଁ ୨ କୋଟି ୩୫ ଲକ୍ଷ ୨୦ ହଜାର ୫୬୫ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ଏହି ପାଇପ ବିଛା କାର୍ଯ୍ୟରେ ସିଂହଭାଗ ଅନୁଦାନ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମିଶି ହରିଲୁଟ କରିଥିବାରୁ ସେହି ପାଇପଗୁଡିକ ଏବେ ସ୍ଥାନେ ସ୍ଥାନେ ଫାଟି ଯାଉଥିବା ଦେଖିବାକୁ ମିଳିଛି ବୋଲି ଅଭିଯୋଗ ହୋଇଛି। ଫଳରେ ସେହି ପାଇପରେ ଗୋଳିଆ ପାଣି ପଶି ଲୋକଙ୍କ ପାଖକୁ ଯାଉଛି। ସେହି ପାଣି ପିଇ ଲୋକେ ସଂକ୍ରମଣର ଶିକାର ହେବାର ଅଧିକ ସମ୍ଭାବନା ଦେଖା ଦେଉଛି ବୋଲି ମତପ୍ରକାଶ ପାଇଛି। ଏହାବାଦ ଅନେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟଗୁଡ଼ିକ ମାସ ମାସ ଧରି ଅଚଳ ରହିବା ସହିତ ବିଭିନ୍ନ ପଡ଼ାକୁ ନିୟମିତ ଜଳ ଯୋଗାଣ ହେଉନାହିଁ। ଏହାଛଡ଼ା ଅନେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନଷ୍ଟ ହୋଇପଡିଛି। ଦିନରାତି ସେଥିରୁ ପାଣି ଝରି ଅପଚୟ ହେବା ସହିତ ପରିବେଶ ପ୍ରଦୂଷଣ ହେଉଥିଲେ ମଧ୍ୟ ଏହା ଉପରେ ବିଭାଗର ଦୃଷ୍ଟି ରହୁନାହିଁ। ସେହିପରି ଆଦୌ ପାଇପ ଲାଇନ ସଂଯୋଗ ହୋଇ ନ ଥିବା ପଡ଼ାମାନଙ୍କୁ ଦୀର୍ଘବର୍ଷ ହେବ ଅବହେଳା ପ୍ରଦର୍ଶନ କରାଯାଉଛି। ସହରାଞ୍ଚଳର ବିକାଶ ପାଇଁ ସରକାର ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ଯୋଗାଉଥିବାବେଳେ ୱାଟକୋ ବିଭାଗୀୟ ଯନ୍ତ୍ରୀ ତଥା ଅଧିକାରୀମାନେ ଏଥିନେଇ ତତ୍ପରତା ପ୍ରକାଶ କରୁ ନ ଥିବାରୁ ଏହାର ସୁଫଳ ସହରବାସୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଏମବିଏଡିସି ପାଣ୍ଠିରେ ବ୍ୟାସନଗରରେ ଦ୍ୱିତୀୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିଛି। ଏହି କାର୍ଯ୍ୟ ସମ୍ପାଦନ ପାଇଁ ଗୁଜୁରାଟର ଠିକାସଂସ୍ଥା ସର୍ଜନ ଇନଫ୍ରାଟେଟ ପ୍ରାଇଭେଟ ଲିଃ ଦାୟିତ୍ୱ ଦିଆଯାଇଛି। ଗୋଳିଆ ପାଣି ଯୋଗାଣ ସଂକ୍ରାନ୍ତରେ ୱାଟକୋର ଜେନେରାଲ ମ୍ୟାନେଜର ଦେବବ୍ରତ ମହାନ୍ତିଙ୍କୁ ପଚାରିଲେ ନିକଟସ୍ଥ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ସମସ୍ୟାର ତୁରନ୍ତ ସମାଧାନ ହୋଇ ପାରିବ ବୋଲି କହୁଛନ୍ତି।

### ବ୍ୟାସନଗର ସହରରେ ଗୋଳିଆ ପାଣି ଯୋଗାଣ

# ବିଞ୍ଝାରପୁର ବ୍ଲକ୍ ପଛୁଆ

ପ୍ରୀତିପୁର,୧୧।୮(ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ଯାଜପୁର ଜିଲାର ୧୦ଟି ବ୍ଲକ ମଧ୍ୟରୁ ଧର୍ମଶାଳା ସର୍ବାଧିକ ୬ କୋଟି ୩ହଜାର ଟଙ୍କା ଖର୍ଚ୍ଚ କରି ଜିଲାରେ ଅଗ୍ରଣୀ ରହିଥିବାବେଳେ ଅନ୍ୟ ୯ଟି ବ୍ଲକ ତା ପଛକୁ ରହିଛି। ସେଥିମଧ୍ୟରୁ ବିଞ୍ଝାରପୁର ଅନ୍ୟତମ। ୨୦୨୨-୨୩ ଆର୍ଥିକ ବର୍ଷରେ ଅଦ୍ୟାବଧି(ଅଗଷ୍ଟ ୧୧) ସୁଦ୍ଧା ବିଞ୍ଝାରପୁର ବ୍ଲକ ୪ କୋଟି ୯୭ ଲକ୍ଷ ୩୮ ହଜାର ଟଙ୍କା ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି।

ସେଥିମଧ୍ୟରୁ ୪ କୋଟି ୫୦ ଲକ୍ଷ ୮୪ ହଜାର ଟଙ୍କା ଅଣକୁଶଳୀ ଶ୍ରମିକଙ୍କ ମଜୁରି ବାବଦରେ ଖର୍ଚ୍ଚ ହୋଇଥିବାବେଳେ ୧ କୋଟି ୩୯ ଲକ୍ଷ ଟଙ୍କା କୁଶଳୀ ଶ୍ରମିକଙ୍କ ବାବଦରେ ଖର୍ଚ୍ଚ ହୋଇଛି। ୪୧ଲକ୍ଷ ୫୪ ହଜାର ଟଙ୍କା ସାମଗ୍ରୀ ଅଂଶବାବଦରେ ଖର୍ଚ୍ଚ ହୋଇଥିବା ଜଣାଯାଇଛି। ଏହି ଯୋଜନା ଅନ୍ତର୍ଗତ ପ୍ରଶାସନିକ ବାବଦରେ ୩ ଲକ୍ଷ ୬୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ଅର୍ଥ ମଧ୍ୟରୁ ୩ କୋଟି ୬୩ ଲକ୍ଷ ୧ ହଜାର ଟଙ୍କା ଗ୍ରାମ ପଞ୍ଚାୟତସ୍ତରରେ ଖର୍ଚ୍ଚ ହୋଇଥିବାବେଳେ ୮୬ ଲକ୍ଷ ୬୪ହଜାର ଟଙ୍କା ପଞ୍ଚାୟତ ସମିତିସ୍ତରରେ ଖର୍ଚ୍ଚ ହୋଇଛି। ଉକ୍ତ ଅର୍ଥରେ ୭୧୩୪ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଥିବାବେଳେ ୨ଲକ୍ଷ ୫ହଜାର ୯୩୬ ଶ୍ରମଦିବସ ସୃଷ୍ଟି କରାଯାଇଛି। ଅପରପକ୍ଷରେ ଏହି ଯୋଜନା ଅନ୍ତର୍ଗତ ୧୨୨୬ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ୩୦୦୪ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏହି ବ୍ଲକ ଅଧୀନ ୨୯ ପଞ୍ଚାୟତ ମଧ୍ୟରୁ ମାଂସଡ଼ା ପଞ୍ଚାୟତ ସର୍ବାଧିକ ୪୫ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ କରିଥିବାବେଳେ ଉତ୍ତରଙ୍ଗ ପଞ୍ଚାୟତ ସର୍ବନିମ୍ନ ୨ ଲକ୍ଷ ୫ ହଜାର ଟଙ୍କା ଖର୍ଚ୍ଚ କରିଛି।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ

# ନନ୍ଦ ଉତ୍ସବ ପ୍ରସ୍ତୁତି ବୈଠକ

ଜେନାପୁର,୧୧।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ୍ ତାଲଜଙ୍ଗ ପଞ୍ଚାୟତ ରାମପୁର କଇଥା ରାଧାକୃଷ୍ଣ ମନ୍ଦିରରେ ଯାଦବ ମହାସଭା ପକ୍ଷରୁ ନନ୍ଦ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଉପଦେଷ୍ଟା କୁଶଚନ୍ଦ୍ର ପ୍ରଧାନ, ରାଧାକୃଷ୍ଣ ଯାଦବ ମହାସଭା ସଭାପତି ରଘୁନାଥ ବେହେରା, ଉପସଭାପତି ଘନଶ୍ୟାମ ପଲେଇ, କୋଷାଧ୍ୟକ୍ଷ ଗଣେଶ୍ୱର ପଲେଇ, ସୁବାସ ଚରଣ ଦାସ, ପ୍ରମୋଦ ପଲେଇ, ପ୍ରକାଶ ପଲେଇ, ଅଜୟ ନାଟିଆ, ବାବୁ ନାଟିଆ, ବୁନା ଦାସ ଓ ଗୋବିନ୍ଦ ପଲେଇ ପ୍ରମୁଖ ଯୋଗଦେଇ ଆସନ୍ତା ୧୯ରେ ହେବାକୁ ଥିବା ଉତ୍ସବ ବିଷୟରେ ମତ ରଖିଥିଲେ। ଉତ୍ସବରେ ଲଉଡ଼ି ଖେଳ ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆଲୋଚନା କରାଯାଇଥିବା ସଂଘ ସଭାପତି ବେହେରା ସୂଚନା ଦେଇଛନ୍ତି।

# ୨ ରାସ୍ତାର ଶିଳାନ୍ୟାସ କଲେ ବିଧାୟକ


ରାସ୍ତା କାର୍ଯ୍ୟର ଶୀଳାନ୍ୟାସ କରାଯାଉଛି।

ଚଣ୍ଡିଖୋଲ/ବଡ଼ଚଣା,୧୧।୮(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ହାଇଲେଭଲ କେନାଲର ଦକ୍ଷିଣ ବନ୍ଧ ବୈରୀଠାରୁ ଖଇରା ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ଓ ବଡ଼ଚଣା-ଦର୍ପଣ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଗୁରୁବାର ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଶିଳାନ୍ୟାସ କରିଛନ୍ତି। ପୂର୍ବରୁ କେନାଲ ବନ୍ଧଟି ଜଳସମ୍ପଦ ବିଭାଗ ଅଧୀନରେ ଥିବାବେଳେ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ୭କୋଟି ୪୦ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ଜଣାପଡ଼ିଛି। ସେହିଭଳି ବଡ଼ଚଣା-ଦର୍ପଣ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ୭ କୋଟି ୩୮ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ପୂର୍ତ୍ତ ବିଭାଗ ତରଫରୁ ସୂଚନା ମିଳିଛି।

ବନ୍ତଳା ନିକଟସ୍ଥ ବ୍ରାହ୍ମଣୀ ଦେବୀ ପୀଠଠାରେ ଶିଳାନ୍ୟାସ ଉତ୍ସବ ଯାଜପୁର ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଶତପଥୀ ଯୋଗଦେଇ ଶିଳାନ୍ୟାସ କରିବା ସହ ରାସ୍ତାର ଉନ୍ନତୀକରଣ ହେଲେ ୧୫ଟି ପଞ୍ଚାୟତବାସୀ ଉପକୃତ ହୋଇପାରିବା ସହ ବଡ଼ଚଣା ବ୍ଲକ ଦର୍ପଣ ତହସିଲ ଓ ବଡ଼ଚଣା ମେଡିକାଲକୁ ଆସୁଥିବା ଲୋକେ ଏହାର ସୁଫଳ ପାଇବେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚ ରଞ୍ଜନ କୁମାର ଦାସ, ନବଦ୍ୱୀପ ନାୟକ, ଯଯାତି କେଶରୀ ରାଉତ, ସମିତିସଭ୍ୟ ଜଗନ୍ନାଥ ମୁଦୁଲି, ଆମ୍ବା ଅଧକ୍ଷ ନିରଞ୍ଜନ ସେନାପତି, ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ସମିତିସଭ୍ୟ ମଧୁସୂଦନ ବଳଙ୍କ ସମେତ ଅନେକ ବ୍ୟକ୍ତି ଯୋଗ ଦେଇଥିଲେ। ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସହକାରୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଜେନା ଧନ୍ୟବାଦ ଦେଇଥିଲେ।

# ଅରେଇ ସରପଞ୍ଚ, ସମର୍ଥକ ବିଜେଡିରେ ସାମିଲ

ବିଞ୍ଝାରପୁର,୧୧।୮(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ଉପରେ ଆସ୍ଥା ପ୍ରକଟକରି ବିଞ୍ଝାରପୁର ବ୍ଲକ ଅଧୀନ ଅରେଇ ପଞ୍ଚାୟତର ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ ଓ ତାଙ୍କ ଶତାଧିକ ସମର୍ଥକ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ବିଞ୍ଝାରପୁର କଲ୍ୟାଣମଣ୍ଡପଠାରେ ଆୟୋଜିତ ମିଶ୍ରଣପର୍ବରେ ସରପଞ୍ଚ ମଲ୍ଲିକଙ୍କ ସହ ତାଙ୍କ ସମର୍ଥକ ରାଧାକାନ୍ତ ନାୟକ, ରଞ୍ଜନ ସାହୁ, ବାସୁଦେବ ସାମଲ, ରବିନାରାୟଣ ବାରିକ, ବୀରେନ୍ଦ୍ର ଦାସ, ଅଜୟ ପରମାଣିକ, ରାମଚନ୍ଦ୍ର ରଥ, ବୀରେନ୍ଦ୍ର ଦାସ, ନିରଞ୍ଜନ ଜେନା, ରଞ୍ଜନ ସାହୁ ଓ ଦେବାଶିଷ ବଳ ପ୍ରମୁଖ ଉପସ୍ଥିତ ଥିଲେ। ରାଜସ୍ୱ ମନ୍ତ୍ରୀ ମଲ୍ଲିକ, ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା ଦାସ, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ସାଦ, ବିଜେଡି ବ୍ଲକ ସଂଯୋଜକ ନାରାୟଣ ଚନ୍ଦ୍ର ମହାନ୍ତି, ବ୍ଲକ ବିଜେଡି ସଭାପତି ମୁରଲୀ ବେହେରା, ୨୫ ନଂ. ଜୋନ୍ ଜିଲାପରିଷଦ ସଭ୍ୟ ଅହଲ୍ୟା ସ୍ୱାଇଁ, ୨୬ ନଂ. ଜୋନ୍ ଜିଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ ଉପସ୍ଥିତ ରହି ସରପଞ୍ଚ ଓ ତାଙ୍କ ଶତାଧିକ ସମର୍ଥକଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ଦ୍ୱାରା ବିଞ୍ଝାରପୁର ବିଜେଡି ଅଧିକ ଶକ୍ତିଶାଳୀ ହେବା ସହିତ ଅରେଇ ପଞ୍ଚାୟତରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବବୋଲି ମନ୍ତ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି।

# କୃଷି ବନୀକରଣ ସଚେତନତା ତାଲିମ ଶିବିର



କୃଷି ଓ କୃଷକ ସମ୍ବନ୍ଧୀୟ ପୁସ୍ତକ ଅତିଥିମାନେ ଉନ୍ମୋଚିତ କରୁଛନ୍ତି।

ଚଣ୍ଡିଖୋଲ,୧୧।୮(ଡି.ଏନ୍.ଏ.)

ବଡ଼ଚଣାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କୃଷି ବନୀକରଣ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଡ. ହେମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ପଶ୍ଚିମବଙ୍ଗ କୃଷି ଜ୍ଞାନ କୌଶଳ ପ୍ରୟୋଗ ଓ ଗବେଷଣା କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡ. ଅଭିଜିତ୍ ହାଲଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ଯାତ ଚାରାରୋପଣ ଓ ବନୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡ. ସୁନୀଲ କୁମାର ମହାପାତ୍ର ଯୋଗଦେଇ ଅତିଥି ପରିଚୟ ପ୍ରଦାନ କରିବା ସହ ବନୀକରଣ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ବନୀକରଣ ବିଭାଗ ବରିଷ୍ଠ ବୈଜ୍ଞାନିକ ଡ. ସୁବାସ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କୃଷି ଜମିର କିପରି ସଦୁପଯୋଗ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ଶିବିରରେ କୃଷି ଜିଲା ଅଧିକାରୀ ଉଦୀପ୍ତ କୁମାର ତ୍ରିପାଠୀ, ଜିଲା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା, ଜିଲା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ନାରାୟଣ ପାତ୍ର ଓ ଡିଏଫ୍ଓ ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ କୃଷିର ଉନ୍ନତି ଓ ବନୀକରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷି ଓ କୃଷକ ସମ୍ବନ୍ଧୀୟ ପୁସ୍ତକ ଅତିଥିମାନେ ଉନ୍ମୋଚିତ କରିଥିଲେ। ଉପସ୍ଥିତ ଚାଷୀଙ୍କୁ ବିଭିନ୍ନ ଚାରା ବଣ୍ଟନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଲଳିତ କୁମାର ମହାନ୍ତି, ଡ. ବିଜୟ କୁମାର ରାଉତରାୟ, ସୁବ୍ରତ କୁମାର ପାଣିଗ୍ରାହୀ, ସୁବାଶିଷ ଦାସ, ଡ. ବିଜୟଲକ୍ଷ୍ମୀ ମହାନ୍ତ ଓ କେନ୍ଦ୍ରର କର୍ମଚାରୀ ବିପ୍ରଚରଣ ସ୍ୱାଇଁ, ସଂଗୀତା ପଣ୍ଡା, ତୃପ୍ତିରଞ୍ଜନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବୈଜ୍ଞାନିକ ଡ. ବବିତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଅମୃତ ମହୋତ୍ସବରେ ସାମିଲ ପାଇଁ ପୂର୍ବତନ ବିଧାୟକଙ୍କ ନିବେଦନ

ଧର୍ମଶାଳା,୧୧।୮(ଡି.ଏନ.ଏ.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଆସନ୍ତା ୧୩, ୧୪ ଓ ୧୫ ତିନିଦିନ ଧରି ଦେଶବାସୀ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟ ସ୍ୱାଗତ କରିଛନ୍ତି। ଏଥିସହିତ ଧର୍ମଶାଳା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ସେ ଅଭିନନ୍ଦନ ଜଣାଇବା ସଙ୍ଗେସଙ୍ଗେ କାର୍ଯ୍ୟକ୍ରମରେ ସାମିଲ ହେବାକୁ ନିବେଦନ କରିଛନ୍ତି। ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସ୍ୱାଧୀନତା ଆନ୍ଦୋଳନରେ ନେତୃତ୍ୱ ନେଇଥିବା ମହାମନିଷୀମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଲାବଣ୍ୟ ଅନୁରୋଧ କରିଛନ୍ତି।

# ଗଙ୍ଗାଧର ମେହେର ଜୟନ୍ତୀ, ରକ୍ଷାବନ୍ଧନ ପାଳିତ

ଧର୍ମଶାଳା,୧୧।୮(ଡି.ଏନ.ଏ.)

ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ ଗାର୍ଡ଼ି କାର୍ଯ୍ୟାଳୟ ପରିସରରେ ଗୁରୁବାର ସନ୍ଧ୍ୟାରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୧ତମ ଜୟନ୍ତୀ ଓ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କାହ୍ନୁଚରଣ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ମୁଖ୍ୟବକ୍ତା ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ଅତିଥି ଭାବେ ସ୍ତମ୍ଭକାର ନବଘନ ଜେନା ଯୋଗଦେଇ ଗଙ୍ଗାଧର ମେହେରଙ୍କ ପ୍ରତିଭା, କୃତି ଓ କୃତିତ୍ୱ ଅତୁଳନୀୟ ଥିଲା ବୋଲି ମତବ୍ୟକ୍ତ କରିଥିଲେ।

ଶିକ୍ଷାବିତ ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଧ୍ରୁବଚରଣ ବିଶ୍ୱାଳ, ସୁନାକର ସାହୁ, ଅର୍ଜୁନ ପୃଷ୍ଟି, ଶଶିଭୂଷଣ ଦ୍ୱାରିକ ଓ ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ପଲେଇ ପ୍ରମୁଖ ରକ୍ଷା ବନ୍ଧନ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଥିବାବେଳେ ସନାତନ ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଗଣେଶ୍ୱର ବେହେରା ଓ ସତ୍ୟାନନ୍ଦ ପ୍ରଧାନ ମଞ୍ଚ ପରିଚାଳନାରେ ସହାୟତା କରିଥିଲେ। ଶିକ୍ଷକ ନେତା ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ।



ଗଙ୍ଗାଧର ମେହେର ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସାର ବୋଝେଇ ଟ୍ରକ୍‌କୁ ଛାଡ଼ିଦେଲେ

ରସୁଲପୁର,୧୧।୮(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ୧୬ନଂ. ଜାତୀୟ ରାଜପଥର ଗଣେଶ ବଜାର ଗଳିପୋଲ ନିକଟରୁ ସୋମବାର ଜବତ ହୋଇଥିବା ସାର ବୋଝେଇ ଟ୍ରକ୍‌କୁ ଛାଡ଼ି ଦିଆଯାଇଛି। ହେଲେ ଟ୍ରକ୍‌ରେ ଥିବା ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାର କୁଆଡ଼େ ଗଲା ତା'ର ହିସାବ କାହା ପାଖରେ ନାହିଁ। ଟ୍ରକ୍‌କୁ ଛାଡ଼ିବା ପଛରେ ଧର୍ମଶାଳା ପୋଲିସ ଓ ତଦନ୍ତ ଅଧିକାରୀ ତଥା ଧର୍ମଶାଳା କୃଷି ସହକାରୀ ନିର୍ଦ୍ଦେଶକ ଉଦୀପ୍ତ ତ୍ରିପାଠୀ ଏବଂ ସାର ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ଷଡ଼ଙ୍ଗୀଙ୍କ ଭୂମିକା ଥିବା ଅଭିଯୋଗ ହୋଇଛି। ତେଣୁ ଟ୍ରକ୍ ମାଲିକ ଓ ସାର ଚାଲାଣ କଟାଯାଇଥିବା କମ୍ପାନୀର ଏମ୍‌ଡି ପ୍ରକାଶ କୁମାର ବାରିକଙ୍କ ନାଁରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବାକୁ ଚାଷୀ ଓ ସାର ବ୍ୟବସାୟୀଙ୍କ ମହଲରେ ଦାବି ହେଉଛି।

ରାଜସ୍ଥାନର ଏକ ଆଗ୍ରୋ ଇଣ୍ଡଷ୍ଟ୍ରି ପକ୍ଷରୁ ପଟାସ ସାର ବୋଝଇ ଟ୍ରକ୍ ଯାଜପୁର ବ୍ଲକ ଅନ୍ତର୍ଗତ ପାଟପୁର ଗାଁକୁ ଯିବାର ଥିଲା। ଉକ୍ତ ଟ୍ରକ୍‌ରେ ୪୧ ମେଟ୍ରିକ ଟନ୍ ଅର୍ଥାତ୍ ୮୦୦ ବସ୍ତା ସାର ଥିଲା। ହେଲେ ଟ୍ରକ୍‌ଟି ବାରବାଟୀ ପୋଲତଳେ ଥୁଆ ହୋଇଥିବାବେଳେ ଧର୍ମଶାଳା ପୋଲିସ ତାହାକୁ ଜବତ କରିଥିଲା। ସାର କମ୍ପାନୀ ସହ ରାଜ୍ୟ ସରକାରଙ୍କ ଚୁକ୍ତି ହୋଇ ନ ଥିବା କୃଷି ବିଭାଗ ଜାଣିବାକୁ ପାଇଛି। ଏହିଭଳି ଭାବେ ସାର ପରିବହନ ବେଆଇନ ବୋଲି ଧର୍ମଶାଳା ସହକାରୀ କୃଷି ନିର୍ଦ୍ଦେଶକ ତ୍ରିପାଠୀ ସୂଚନା ଦେଇଛନ୍ତି।

ତେବେ ସାର ଯାଜପୁରକୁ ଯିବା ବଦଳରେ ବାରବାଟୀକୁ କେଉଁ ପରିସ୍ଥିତିରେ ଆସିଲା, ଯେଉଁ ଲୋକ ପାଖକୁ ଆସିଥିଲା ତାଙ୍କର କାରବାର ନେଇ ଲାଇସେନ୍ସ ଅଛି କି ନାହିଁ ଓ ଉକ୍ତ ବ୍ୟବସାୟୀ କେତେ ସାର ମଗାଇଥିଲେ ଏହିଭଳି ଅନେକ ପ୍ରଶ୍ନ ସମ୍ପର୍କରେ ତଦନ୍ତ ହୋଇନାହିଁ। ପୋଲିସ କାଗଜପତ୍ର ଦେଖି ସନ୍ତୁଷ୍ଟ ହୋଇଥିବା ବେଳେ କୃଷି ଅଧିକାରୀ ବେଆଇନ କାରବାର ବୋଲି ପ୍ରମାଣ ଥାଇ ବି ଚୁପ୍ ରହିଗଲେ। କୃଷି ଅଧିକାରୀ ତ୍ରିପାଠୀଙ୍କ କହିବା କଥା ହେଲା ତାଙ୍କୁ କେହି ଚିଠି କଲେ ନାହିଁ। ତେଣୁ ସେ କେଉଁ ଆଧାରରେ ତଦନ୍ତ କରିଥାଆନ୍ତେ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ସାର ଖଲାସ ହୋଇଥିଲେ ତା'ର ସାମ୍ପୁଲ ସଂଗ୍ରହ କରି ଯାଞ୍ଚ ପାଇଁ ପଠାଇ ଥାଆନ୍ତେ। ପରିବହନକାରୀ ସଂସ୍ଥା ସାରର ଗୁଣବତ୍ତା ସମ୍ପର୍କରେ କୌଣସି ପ୍ରମାଣପତ୍ର ଦେଖାଇ ପାରି ନ ଥିଲା। ଏହି ପ୍ରମାଣ ତଦନ୍ତ ଅଧିକାରୀଙ୍କ ପାଇଁ ଯଥେଷ୍ଟ ଥିଲା। ଯେଉଁ ଆଧାରରେ କୃଷି ଅଧିକାରୀ ସାରକୁ ଖଲାସ କରାଇ ତା'ର ସାମ୍ପୁଲ ସଂଗ୍ରହ କରିପାରି ଥାଆନ୍ତେ। ନଚେତ ସାର ଆସିଥିବା ଗନ୍ତବ୍ୟସ୍ଥଳର ସମ୍ପୃକ୍ତ ଜିଲା କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରି ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରିପାରି ଥାଆନ୍ତେ। ମାତ୍ର ସାର ତାଙ୍କ ଅଞ୍ଚଳକୁ ଆସି ନ ଥିବା ଆଳ ଦେଖାଇ କୃଷି ଅଧିକାରୀ ତ୍ରିପାଠୀ ନିଜ ଉପରୁ ଦୋଷ ଖସାଇବାକୁ ଚେଷ୍ଟା କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଓ ସାର ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ଷଡ଼ଙ୍ଗୀଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲା। ମାତ୍ର ସେମାନେ ଫୋନ ଉଠାଇ ନ ଥିଲେ।


ଜବତ ସାର ବୋଝେଇ ଟ୍ରକ୍।

### ସନ୍ଦେହଘେରରେ ତଦନ୍ତ ଅଧିକାରୀଙ୍କ ଭୂମିକା

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୨ ଅଗଷ୍ଟ, ୨୦୨୨



# ମୃତ୍ୟୁର ୧୦ ଦିନ ପୂର୍ବରୁ ସାର୍ଟିଫିକେଟ ଇସ୍ୟୁ

■ ୪ ମୃତକଙ୍କ ପଞ୍ଜୀକୃତ ସଂଖ୍ୟା ସମାନ
■ ଗୋଟିଏ ଦିନରେ ପରିବାରର ୪ଜଣଙ୍କ ମୃତ୍ୟୁ ଦର୍ଶାଯାଇଛି
■ ଜମି ରେଜିଷ୍ଟ୍ରି ପରେ ଖୋଲିଲା ଜାଲିଆତିର ଗୁମର
■ ସନ୍ଦେହରେ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ ଅଫିସ କର୍ତ୍ତୃପକ୍ଷ
■ ତଦନ୍ତ ପାଇଁ ଜିଲାପାଳ ଓ ସିଡିଏମଓଙ୍କୁ ଫେରାଦ୍

ନୟାଗଡ଼ ଅଫିସ/ ଖଣ୍ଡପଡ଼ା/ ଭାପୁର, ୧୧।୮(ସ୍ୱ.ପ୍ର./ଡି.ଏନ୍.ଏ.)

ମୃତ୍ୟୁର ୧୦ ଦିନ ପୂର୍ବରୁ ମୃତ୍ୟୁ ସାର୍ଟିଫିକେଟ ନୟାଗଡ଼ ଜିଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଦାନ କରାଯାଇଛି । ପୁଣି ଭିନ୍ନ ଭିନ୍ନ ବର୍ଷରେ ମୃତ୍ୟୁ ହୋଇଥିବା ୪ ମୃତକଙ୍କୁ ଗୋଟିଏ ଦିନରେ ମୃତ ଦର୍ଶାଯାଇ ମୃତ୍ୟୁ ସାର୍ଟିର୍ଫିକେଟ ପ୍ରଦାନ କରାଯାଇଛି । ଯେଉଁଥିରେ ୪ ମୃତକଙ୍କ ପଞ୍ଜିକୃତ ସଂଖ୍ୟା ସମାନ ରହିଛି । ଖଣ୍ଡପଡ଼ା ସବ୍‌ରେଜେଷ୍ଟ୍ରି ଅଫିସରେ ଜମି ରେଜେଷ୍ଟ୍ରି ପରେ ଏପରି ଗୁମର ଖୋଲିଛନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷକ । ଏହି ଘଟଣା ପରେ ସନ୍ଦେହ ଘେରକୁ ଟାଣି ହୋଇ ଯାଇଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ର ଓ ତହସିଲ କର୍ତ୍ତୃପକ୍ଷ । ଏହି ଦୁର୍ନୀତିର ତଦନ୍ତ ପାଇଁ ବସନ୍ତ କୁମାର ମଳିକ ନାମକ ଜଣେ ଅବସରପ୍ରାପ୍ତ ଶିକ୍ଷକ ନୟାଗଡ଼ ଜିଲାପାଳ,ଫତେଗଡ ଥାନା, ନୟାଗଡ଼ ଏସ୍‌ପି, ଖଣ୍ଡପଡ଼ା ଏସ୍‌ଡିପିଓ, ଭାପୁର ଗୋଷ୍ଠୀ ଉନ୍ନିତ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ମେଡିକାଲ ଅଫିସର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ ଅବଗତ କରାଇ ତଦନ୍ତ ପାଇଁ ନିବେଦନ କରିଛନ୍ତି । ଅନ୍ୟପକ୍ଷେ ଜାଲ କାଗଜାତରେ ରେଜେଷ୍ଟ୍ରୀ ହୋଇଥିବା ଜମିର ରେଜେଷ୍ଟ୍ରୀକୁ ପ୍ରତ୍ୟାହାର କରିବାକୁ ଅନୁରୂପ ନିବେଦନ କରିଛନ୍ତି ।

ଗୋଳାପୋଖରୀର ଅବସରପ୍ରାପ୍ତ ଶିକ୍ଷକ ମଳିକଙ୍କ ଅଭିଯୋଗ ଅନୁସାରେ ନିହଲପ୍ରସାଦ ଗାଁର ଦିଗମ୍ବର ସ୍ୱାଇଁଙ୍କ ୮୦ ଡେସିମିଲ ଜମି ଅଛି । ଦିଗମ୍ବରଙ୍କ ମୃତ୍ୟୁ ହୋଇ ସାରିଛି । ତାଙ୍କର ୪ ପୁଅ ପାଣ୍ଡବ, ପଞ୍ଚୁ, ଝରି, ମକରାଙ୍କ ମଧ୍ୟ ଅନୁରୂପ ଭାବେ ମୃତ୍ୟୁ ହୋଇଛି । ସେହିପରି ମକରା ସ୍ୱାଇଁଙ୍କ ୨ ପୁଅ ରାମ ଓ ଗିରିଧାରୀଙ୍କ ମୃତ୍ୟୁ ହୋଇ ସାରିଛି । ମୃତକମାନେ ଭିନ୍ନ ଭିନ୍ନ ବର୍ଷରେ ପ୍ରାଣ ହରାଇଛନ୍ତି । ତେବେ ନିହଲପ୍ରସାଦର ଗିରିଧାରୀ ସ୍ୱାଇଁଙ୍କ ସ୍ତ୍ରୀ ସଞ୍ଜୁଙ୍କଠାରୁ ଖାତା ନଂ. ୯୮, ପ୍ଲଟ ନଂ. ୩୩୫ରୁ ୮ ଓ ୧୧ ଦୁଇଟି ପ୍ଲଟ କିଣିବାକୁ ୬୦ ହଜାର ଟଙ୍କା ଦେଇଥିଲେ । ମୃତକଙ୍କ ମୃତ୍ୟୁ ସାର୍ଟିଫିକେଟ ଓ ଲିଗାଲ ହାୟାର ସାର୍ଟିଫିକେଟ ବାହାରି ନ ପାରିବା ଓ କରୋନା କଟକଣା ଯୋଗୁ ଜମି ରେଜେଷ୍ଟ୍ରୀ ହୋଇ ପାରିଲାନି । କିନ୍ତୁ ଜମି ମାଲିକଙ୍କ ସହ ଏଗ୍ରିମେଣ୍ଟ କରି ଜମିକୁ ଦଖଲରେ ରଖିଛନ୍ତି। ଏଭଳିସ୍ଥଳେ ଭୁବନେଶ୍ୱରର ଏକ ବିଲଡର ମୋ ଜମି ସହ ୮୦ ଏକର ଜମି କିଣି ନେଇଥିବା ଜାଣିବାକୁ ପାଇଥିଲେ । ଖଣ୍ଡପଡ଼ା ସବ୍‌ରେଜିଷ୍ଟାର ଅଫିସରୁ ୨୦୨୨ ଜୁନ୍ ୮ରେ ରେକର୍ଡ ଆଣିଲା ପରେ ମୃତକଙ୍କ ସାର୍ଟିଫିକେଟରେ ଜାଲିଆତି କରି ଜମି ବିକ୍ରୀ ହୋଇଥିବା ଗୁମର ଫିଟିଲା । ଜମି ମାଲିକ ଦିଗମ୍ବର ସାଇଁଙ୍କ ୩ ପୁଅ ପାଣ୍ଡବ, ପଞ୍ଚୁ, ମକରା ଓ ନାତି ଗିରିଧାରୀଙ୍କ ମୃତ୍ୟୁକୁ ୫।୫।୨୦୨୦ ଦର୍ଶାଯାଇଛି । ଅକ୍ଷରରେ ମୃତ୍ୟୁ ସଂଖ୍ୟା ୬ ଜୁଲାଇ ୨୦୦୩ ରହିଛି । ପୁଣି ପଞ୍ଜିକରଣ ସଂଖ୍ୟା ୪ଜଣଙ୍କର ୩୨୧/୨୦୨୦ ଦର୍ଶାଯାଇଛି । ଇସ୍ୟୁ ୧୮।୫।୨୦୨୦ ଦର୍ଶାଯାଇଛି । ଏମାନେ କିନ୍ତୁ ଭିନ୍ନ ଭିନ୍ନ ବର୍ଷରେ ପ୍ରାଣ ହରାଇଥିବାବେଳେ ଏମାନଙ୍କର ଅଙ୍କରେ ଓ ଅକ୍ଷରରେ ଜନ୍ମ ତାରିଖ ଭିନ୍ନ ଭିନ୍ନ ରହିଥିଲେ ହେଁ ସମସ୍ତଙ୍କର ଏକା ରହିଛି । ସେହିଭଳି ଜମି ମାଲିକଙ୍କ ପୁଅ ଝରିଙ୍କ ମୃତ୍ୟୁ ୨୮।୫।୨୦୨୦ ଦର୍ଶାଯାଇଥିବାବେଳେ ମୃତ୍ୟୁ ସାର୍ଟିଫିକେଟ ଇସ୍ୟୁ ୧୮।୫।୨୦୨୦ ରହିଛି । ଏହାର ଅର୍ଥ ଝରି ମୃତ୍ୟୁର ୧୦ ଦିନ ପୂର୍ବରୁ ମୃତ୍ୟୁ ସାର୍ଟିଫିକେଟ ବାହାର କରା ଯାଇଛି । ସେହିପରି ଲିଗାଲ ହାୟାର ସାର୍ଟିଫିକେଟରେ ଜାଲିଆତି ହୋଇଛି । ଏହାର ତଦନ୍ତ ପାଇଁ ନିବେଦନ କରିଛି । ଖଣ୍ଡପଡାର ଆଇନଜିବୀ ବିକ୍ରମ ସାହୁ କୁହନ୍ତି, ବହୁ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ମିସ୍ ସାର୍ଟିଫିକେଟ ନ କାଢ଼ି ମୃତ୍ୟୁ ସାର୍ଟିଫିକେଟ ଦିଆଯାଇଛି । ସେହିପରି ୨ ହଜାର ଟଙ୍କା ଦେଲେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ କିରାଣୀ ଜନ୍ମ ମୃତ୍ୟୁ ସାର୍ଟିଫିକେଟ ମନଇଚ୍ଛା ତାରିଖରେ କାଢ଼ି ଦେଉଛନ୍ତି । ଏଣୁ ସଂପୃକ୍ତ ଦୁର୍ନୀତିରେ ଏହି କିରାଣୀଙ୍କ ହାତ ଥିବା ଚର୍ଚ୍ଚା ହେଉଛି । ଏହାର ତଦନ୍ତ ହେବା ଦରକାର । ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ମୋତେ ଅଭିଯୋଗ ମିଳିନି । ଆପଣଙ୍କଠାରୁ ସୂଚନା ପାଇ ଓ ପ୍ରମାଣ ପତ୍ର ଦେଖିବା ପରେ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି । ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଏହାର ତଦନ୍ତ କରି ରିପୋର୍ଟ ଦେବେ ବୋଲି କହିଛନ୍ତି । ଫତେଗଡ ଥାନା ଏସ୍‌ଆଇ ମହମ୍ମଦ ଜାଫୁଲା କୁହନ୍ତି, ଅଭିଯୋଗ ମିଳିନି । ଭାପୁର ତହସିଲଦାର ତୃପ୍ତି ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ଫୋନ ଉଠାଇ ନ ଥିଲେ ।

## ୮.୫ ଗ୍ରାମ ବ୍ରାଉନସୁଗାର ଜବତ

**ବ୍ୟବସାୟୀ ଗଲେ ଜେଲ**



ଗିରଫ ବ୍ୟବସାୟୀ ।

ନୟାଗଡ଼ ଅଫିସ,୧୧।୮

ଇଟାମାଟି ଥାନା ପୋଲିସ ମଜୁରିଆପଲ୍ଲୀର ଭୈରବୀ ମନ୍ଦିର ନିକଟରୁ ଏକ ସ୍କୁଟି ସହ ୮.୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଏହି ଘଟଣାରେ ଇଟାମାଟି ପାଇକସାହିର ଶିବନନ୍ଦ ପ୍ରଧାନ(୨୦)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ଶିବନନ୍ଦଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆ ଯାଇଛି । ଶିବନନ୍ଦ ଭୈରବୀ ମନ୍ଦିର ନିକଟରେ ବ୍ରାଉନ ସୁଗାର ବିକ୍ରି କରୁଥିବା ଅଭିଯୋଗ ମିଳିବା ପରେ ପୋଲିସ ସେଠାରେ ଚଢ଼ାଉ କରିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ତହସିଲଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୧।୮କନ୍ଧମାଳ ଜିଲା ଫିରିଙ୍ଗିଆ ତହସିଲଦାର ପୁନମ ରାଉତଙ୍କ ବାଲେଶ୍ୱର ଜିଲା ଜଳେଶ୍ୱରକୁ ବିଡିଓ ଭାବେ ବଦଳି ହୋଇଛି । ଗୁରୁବାର ଫିରିଙ୍ଗିଆ ତହସିଲ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ୨୦୧୮ ଡିସେମ୍ବରରେ ପୁନମ ଫିରିଙ୍ଗିଆ ତହସିଲଦାର ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ । ଭଲ କାମ କରି ଜିଲାରେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ଅନୁଷ୍ଠିତ ସଭାରେ ମତପ୍ରକାଶ ପାଇଛି । ଅତିରିକ୍ତ ତହସିଲଦାର ତପନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁପର ଭାଇଜର ମଧୁସ୍ମିତା ନାୟକ, ମୁଖ୍ୟ କିରାଣି ମିନତି ଦାସ, ଡିଇଓ ଅଜୟ କୁମାର ବେହେରା, ବାଲନ୍ଦାପଡା ଆରଆଇ ଜୟନ୍ତ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଆର୍‌ଡି ରାସ୍ତା ମରାମତି ଦାବି

ଭଞ୍ଜନଗର,୧୧।୮(ଡି.ଏନ.ଏ.)

ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବା ଆମ୍ବପୁଆ-ମୋଟାବାଡ଼ି ଆର୍‌ଡି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି । ଦୈନନ୍ଦିନ ଉକ୍ତ ରାସ୍ତାରେ ହଜାର ହଜାର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବେଲଗୁଣ୍ଠାରୁ ଭାୟା ଆମ୍ବପୁଆ ଦେଇ ଅଧିକାଂଶ ଗାଡି ବୁଗୁଡ଼ା ଯାଉଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ମରାମତି କରିବାକୁ ଦାବି ହୋଇଛି ।

### ନୂତନ ପ୍ରଧାନ ଶିକ୍ଷକଙ୍କ ଯୋଗଦାନ

କ.ନୂଆଗାଁ,୧୧।୮(ଡି.ଏନ.ଏ.)

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସଦର ମହକୁମାରେ ଥିବା ମଙ୍ଗଳ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ମନୋଜ କୁମାର ରଥ ନୂତନ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । କାର୍ଯ୍ୟାଳୟ ପରିସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ପାତ୍ର ନୂତନ ପ୍ରଧାନ ଶିକ୍ଷକ ରଥଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସବିତା ପାଣିଗ୍ରାହୀ, ସରିତା ପ୍ରଧାନ, ଲିନା କୁମାରୀ ପ୍ରଧାନ, ଶିକ୍ଷକ କୃଷ୍ଣ ଚନ୍ଦ୍ର ଦାସ ,ଦୀପକ କୁମାର ନାୟକ, ସମୀର କୁମାର ପଟ୍ଟନାୟକ, ଅଭିମନ୍ୟୁ ଘୋଷ, ଆଶିଷ ପ୍ରଧାନ, ଦୀପକ କୁମାର ପ୍ରଧାନ, ନିଗମାନନ୍ଦ ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଓ ଛାତ୍ରୀ ଛାତ୍ରମାନେ ନୂତନ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରଧାନ ଶିକ୍ଷକ ରଥ କାର୍ଯ୍ୟଭାର ଗ୍ରହଣ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

### ଡ୍ରାଇଭର ମହାସଂଘ ବୈଠକ

ଧରାକୋଟ,୧୧।୮(ଡି.ଏନ୍.ଏ.) ଓଡ଼ିଶା ଡ୍ରାଇଭର ମହାସଂଘ ଧରାକୋଟ ବ୍ଲକ ଶାଖାର ଏକ ପଞ୍ଚାୟତ ସ୍ତରୀୟ ବୈଠକ ସ୍ଥାନୀୟ କଳା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଂଘ ସମ୍ପାଦକ ପ୍ରଭାକର ମୁନିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜିଲା କମିଟି ସଦସ୍ୟ ସୁରେଶ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ୍ରାଇଭରମାନଙ୍କ କାର୍ଯ୍ୟ ପଦ୍ଧତି ଓ ସଂଗଠନ ଉପରେ ଆଲୋକପାତ କରିଥିଲେ । ଗାଡିଚାଳନା ବେଳେ ସଂଘର ଲୋଗୋ ଥିବା ଖାକି ପୋଷାକ ପିନ୍ଧିବା, ଟ୍ରାଫିକ ନିୟମ ମାନିବା, ମଦ୍ୟପାନ କରି ଗାଡି ନ ଚଳାଇବା ଓ ଯାତ୍ରୀ ସୁବିଧା ଉପରେ ଗୁରୁତ୍ୱ ଦେବାକୁ ସମସ୍ତେ ଶପଥ ପାଠ କରିଥିଲେ । ସରକାରଙ୍କ ଅସହଯୋଗ ନୀତିକୁ ବୈଠକରେ ଦୃଢ଼ ନିନ୍ଦା କରାଯିବା ସହ ଆଗାମୀ ଦିନରେ ହେବାକୁଥିବା ଷ୍ଟେରିଂ ଛାଡ଼ ଆନ୍ଦୋଳନରେ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା । ବୈଠକରେ ଧରାକୋଟ, ମୁଣ୍ଡମରାଇ ଓ ଶରଧାପୁର ପଞ୍ଚାୟତର ସମସ୍ତ ଡ୍ରାଇଭର ଯୋଗ ଦେଇଥିଲେ ।

# ୧୧ ଦିନ ହେଲା ୨୬ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ

ଛତ୍ରପୁର,୧୧।୮(ଡି.ଏନ.ଏ.)



ସ୍ମାରକପତ୍ର ପ୍ରଦାନ କରାଯାଉଛି ।

■ ଆଇସିଡିଏସ୍ ଅଫିସରେ ତାଲା ପକାଇଲେ ଅଙ୍ଗନୱାଡ଼ି କର୍ମୀ
■ ଅସୁସ୍ଥ ଜଣେ କର୍ମଚାରୀଙ୍କୁ ଉଦ୍ଧାର କଲା ପୋଲିସ
■ ଆନ୍ଦୋଳନକାରୀଙ୍କ ନାଁରେ ମାମଲା

ଛତ୍ରପୁରସ୍ଥିତ ଆଇସିଡିଏସ କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଉକ୍ତ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କୁ କେତେଜଣ ଅଙ୍ଗନୱାଡ଼ି କର୍ମୀ ତାଲା ପକାଇ ରଖିଥିଲେ । ଖବରପାଇ ଛତ୍ରପୁର ଥାନା ପୋଲିସ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ପହଞ୍ଚିବା ପରେ ସେମାନଙ୍କ ଉପସ୍ଥିତିରେ ତାଲା ଖୋଲାଯାଇଥିଲା । ଆଇସିଡିଏସ କାର୍ଯ୍ୟାଳୟରେ କାର୍ଯ୍ୟରତ ଗୀତାଞ୍ଜଳି ବେହେରା ଛତ୍ରପୁର ଏନଏସିର କିଛି ଅଙ୍ଗନୱାଡ଼ି କର୍ମୀ ଓ ବିପୁଳିଙ୍ଗି ସେକ୍ଟର ଅଙ୍ଗନୱାଡ଼ି କର୍ମୀଙ୍କ ନାଁରେ ଥାନାରେ ଏତଲା ଦେଇଛନ୍ତି । ଆଇସିଡିଏସ କାର୍ଯ୍ୟାଳୟରେ ବାହାରୁ ତାଲା ପକାଯିବାରୁ ଭିତରେ ଜଣେ କର୍ମଚାରୀ ଅସୁସ୍ଥ ହୋଇଥିଲେ । ତାଙ୍କୁ ଛତ୍ରପୁର ମେଡିକାଲ ନିଆଯାଇଥିଲା ।

ଆଇସିଡିଏସ କାର୍ଯ୍ୟାଳୟ କର୍ମଚାରୀ ଗୀତାଞ୍ଜଳି ବେହେରା ଥାନାରେ ଅଭିଯୋଗ କରିଥିବା ଛତ୍ରପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା ୪୫୨/୨୨ ରୁଜୁ କରି ତଦନ୍ତ ଜାରି ରଖିଛି । ଅନ୍ୟପକ୍ଷରେ ଅଙ୍ଗନୱାଡ଼ି କର୍ମୀମାନେ କିଛି ଦାବି ନେଇ ଧାରଣାରେ ବସିବା ସହ ଗୁରୁବାର ବାଧ ହୋଇ ଆଇସିଡିସି ଅଫିସ ତାଲା ପକାଇଥିଲେ । ଭତ୍ତା, ଘର ଭଡା ଆଦି ଦାବି ନେଇ ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ୧ ତାରିଖରୁ ଆଇସିଡ଼ିଏସ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି । ଫଳରେ ଗତ ୧୧ ଦିନ ହେଲା ଛତ୍ରପୁର ଏନଏସିର ସମସ୍ତ ୨୬ଟି ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହିଛି । ଅପରପକ୍ଷରେ ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧରେ ଜିଲା ପ୍ରଶାସନ ନିକଟରେ ଫେରାଦ ହୋଇଛନ୍ତି ଛତ୍ରପୁରର କାଉନସିଲର । ଛତ୍ରପୁର ଏନଏସି ନିର୍ବାଚନ ହେବାର ୪ମାସ ବିତିଯାଇଥିଲେ ସୁଦ୍ଧା କାଉନସିଲମାନେ ନିଜ ନିଜ ଅଞ୍ଚଳରେ ରହିଥିବା କେନ୍ଦ୍ରରେ କେତେ ସଂଖ୍ୟକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି, କେତେ ସଂଖ୍ୟକ ଗର୍ଭବତୀ ମହିଳା ଓ ପ୍ରସୂତି ରହିଛନ୍ତି ତାର ତଥ୍ୟ ମାଗିଲେ କର୍ମୀମାନେ ଦେବାକୁ କୁଣ୍ଠାବୋଧ କରିବା ସହ ତଥ୍ୟ ଦେବାକୁ ନାରାଜ ହେଉଛନ୍ତି । ଏପରିକି ଠିକରେ କେନ୍ଦ୍ର ଖୋଲାଯାଉନାହିଁ । ଏଭଳି ନାନାପ୍ରକାର ଅଭିଯୋଗ ନେଇ କାଉନସିଲରମାନେ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସକୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ, ଅଣ୍ଡା ଓ ଛତୁଆ ଠିକ ଭାବେ ପ୍ରଦାନ କରାଯାଉନାହିଁ । କର୍ମୀମାନଙ୍କୁ ପଚାରିଲେ ଆମକୁ କୌଣସି ତଥ୍ୟ ଦେବାକୁ ରାଜି ହେଉନାହାନ୍ତି । ତଥ୍ୟ ଦେଲେ କାଳେ କର୍ମୀଙ୍କ ବହୁ ଗୁମର ଫିଟିଯିବ ବୋଲି କାଉନସିଲରମାନେ ଅତିରିକ୍ତ ଜିଲାପାଳଙ୍କୁ କହିଥିଲେ । ଅଙ୍ଗନୱାଡ଼ି କର୍ମୀଙ୍କ ମନମୁଖୀ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଶେଷରେ ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇଛୁ ବୋଲି କାଉନସିଲରମାନେ କହିଥିଲେ । ଆଗାମୀ ଦିନରେ ଛତ୍ରପୁର ଏନଏସିର ସମସ୍ତ କେନ୍ଦ୍ରରେ କେତେ ସଂଖ୍ୟକ ଛାତ୍ରଛାତ୍ରୀ ରହୁଛନ୍ତି ତାର ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଥିବା ସୂଚନା ଦିଆଯାଇଛି । ସ୍ମାରକପତ୍ର ପ୍ରଦାନ ବେଳେ ଛତ୍ରପୁର ଏନଏସିର ଉପାଧ୍ୟକ୍ଷ ଜି.ପାପା ରାଓ, କାଉନସିଲର ଅମରେଶ କୁମାର ମହାରଣା, କେ.ରମେଶ ,ଟି.ଗଣେଷ ରେଡ୍ଡି, ସନ୍ତୋଷୀ ସେଠୀ, ପ୍ରୀତିଛନ୍ଦା ସାମଲ,ମମତା ପାତ୍ର, ମାମା ସେଠୀ, ଡି.ଇନ୍ଦୁ,ଦେବାଶିଷ ମିଶ୍ର,ଏମ.ଅରୁନ୍ଧତି ପ୍ରମୁଖ ଉପସ୍ଥିତ ଥିଲେ ।

# ଛାତ୍ରୀଛାତ୍ରଙ୍କୁ ମିଳିଲାନି ମଧ୍ୟାହ୍ନଭୋଜନ ଅନୁଦାନ

ନୂଆଗାଁ,୧୧।୮ (ଡି.ଏନ.ଏ.)

କରୋନା ମହାମାରୀ ସମୟରେ ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ ରଖିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ସ୍କୁଲରେ ଦିଆଯାଉଥିବା ମଧ୍ୟାହ୍ନଭୋଜନ ବାବଦ ଅନୁଦାନ ସବୁ ଛାତ୍ରୀଛାତ୍ରମାନଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା ହୋଇଥିଲା । ହେଲେ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ଖାମଖିଆଲ ନୀତି ଯୋଗୁ ବହୁ ଛାତ୍ରୀଛାତ୍ର ସେଥିରୁ ବଞ୍ଚିତ ହୋଇଛନ୍ତି । ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ ସରକାରୀ ଶିମିଳିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ସେହି ଅନୁଦାନ ପାଇ ନ ଥିବା ଅଭିଯୋଗ ହୋଇଛି ।

ଆଦିବାସୀ ବହୁଳ ଜାକେଡା ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ରହିଛି ସରକାରୀ ଶିମିଳିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । କୋଭିଡ୍ ସମୟରେ ସ୍କୁଲ ବନ୍ଦ ଥିବାରୁ ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ଅନୁଦାନ ଟଙ୍କା ସ୍କୁଲକୁ ଆସିଥିଲା । କିନ୍ତୁ ପ୍ରଧାନଶିକ୍ଷକ ଉକ୍ତ ଅନୁଦାନକୁ ଛାତ୍ରୀଛାତ୍ରଙ୍କୁ ଦେଇ ନ ଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ । ତତ୍କାଳୀନ ପ୍ରଧାନ ଶିକ୍ଷକ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ପରସ୍ପର ଉପରେ ଦୋଷ ଲଦି ଚାଲିଛନ୍ତି । ମଧ୍ୟାହ୍ନ ଭୋଜନ ଅନୁଦାନ ନ ଦେବା ବାବଦରେ ବର୍ତ୍ତମାନର ପ୍ରଧାନଶିକ୍ଷକ ଅର୍ଜୁନ ମଲିକଙ୍କୁ ପଚାରିବାରେ ମୋତେ ଟଙ୍କା ଦିଆ ଯାଇଛି କିନ୍ତୁ ପୂର୍ବତନ ପ୍ରଧାନଶିକ୍ଷକ କୌଣସି ଖାତାପତ୍ର ଦେଇ ନ ଥିବାରୁ ମୁଁ ପିଲାମାନଙ୍କୁ ଟଙ୍କା ଦେଇ ପାରୁନାହିଁ ବୋଲି କହିଛନ୍ତି । ଏ ଅଭିଯୋଗ ବାବଦରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ଅଚ୍ୟୁତାନନ୍ଦ ଦାସଙ୍କୁ ପଚାରିବାରେ ମୁଁ ୩ କିସ୍ତିରେ ପ୍ରାୟ ୮୨ ହଜାର ଟଙ୍କା ଦେଇ ସାରିଛି । ତେଣୁ ମୋ ପାଖରେ କିଛି ରଖିନି ବୋଲି ସଫେଇ ଦେଇଛନ୍ତି । ଏହି ଅଭିଯୋଗର ତଦନ୍ତ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ଅନୁଦାନ ଯଥାଶୀଘ୍ର ଦେବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ନୟାଗଡ଼ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ କହିଥିଲେ । ଇତିମଧ୍ୟରେ ଦିନ ଗଡ଼ି ଚାଲିଥିଲେ ମଧ୍ୟ ଛାତ୍ରୀଛାତ୍ରମାନଙ୍କୁ ସେହି ଅନୁଦାନ ଦିଆଯାଇନାହିଁ ବୋଲି ଅଭିଭାବକମାନେ ପୁଣି ଥରେ ଅଭିଯୋଗ କରିଛନ୍ତି ।

# ଶିଶୁମନ୍ଦିର ପକ୍ଷରୁ ରକ୍ଷାବନ୍ଧନ, ଗହ୍ମାଡିଆଁ




ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଗହ୍ମା ଡିଆଁ ଉତ୍ସବରେ ଛାତ୍ରୀଛାତ୍ର ଓ ଗୁରୁମା'

ବୁଗୁଡ଼ା,୧୧।୮(ଡି.ଏନ.ଏ.)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ଓ ଗହ୍ମା ଡିଆଁ ପାଳିତ ହୋଇଯାଇଛି । ଶିଶୁମନ୍ଦିର ପରିଚାଳନା ସମିତି ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଦକ୍ଷିଣ-ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଭାଗ ନିରୀକ୍ଷକ ରଞ୍ଜନ କୁମାର ପ୍ରଧାନ ଯୋଗଦେଇଥିଲେ । ଗୁରୁମା ସୁମତି ମିଶ୍ର ସଂଯୋଜନା, ପ୍ରଧାନାଚାର୍ଯ୍ୟ ରବିନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଗୁରୁଜୀ ଲଡୁକିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟପକ୍ଷରେ ବୁଗୁଡ଼ା ବ୍ଲକର କରଚୁଲି ଗ୍ରାମସ୍ଥ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନାଚାର୍ଯ୍ୟ ସୁଶାନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନରୂପ ଭାବେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୧।୮(ଡି.ଏନ୍.ଏ.)

ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଗଜପତି ଜିଲା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ପ୍ରତ୍ୟେକ ବ୍ଲକର ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ଏବଂ ଯୁବକ ସଂଘର ସଦସ୍ୟମାନେ ଘର ଘର ବୁଲି ଅଗଷ୍ଟ ୧୩ରୁ ୧୫ ପର୍ଯ୍ୟନ୍ତ ଘରେ ଘରେ ଜାତୀୟ ପତାକା ଉଡାଇବା ପାଇଁ ସଚେତନ କରାଇବେ ବୋଲି କେନ୍ଦ୍ରର ଯୁବ ଅଧିକାରୀ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି ।

# ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ, ଥାନାରେ ମାମଲା

ଭାପୁର,୧୧।୮(ଡି.ଏନ.ଏ.)

ନୟାଗଡ଼ ଜିଲା ବାଇଗୁଣିଆ ପଠାଣୀ ସାମନ୍ତ ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଉଲଗ୍ନ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇଛି । ସମ୍ପୃକ୍ତ ଯୁକ୍ତ ୨ କଳା ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ୧ବର୍ଷ ତଳର କଥା । ସେ କଲେଜକୁ ଆସୁଥିବା ସମୟରେ ସଚ୍ଚିଦାନନ୍ଦ ସାଥୁଆ ନାମକ ଜଣେ ଯୁବକ ତାଙ୍କୁ ବାଟରେ ଅଶ୍ଳୀଳ ଇଙ୍ଗିତ କରିବା ସହ ପ୍ରେମ ନିବେଦନ କରୁଥିଲେ । କିଛିଦିନ ତଳେ ସେ ତାଙ୍କ ଟେଲିଫୋନ୍ ନମ୍ବର ପାଇଯାଇଥିଲେ । ଏହାପରେ ସେ ଅଶ୍ଳୀଳ ଭିଡିଓ ପଠାଉଥିଲେ ।

ଦିନେ ବାହାଡାଠାରୁ ବନମାଳୀପୁର ରାସ୍ତାରେ ସାଇକେଲରେ ଯାଉଥିବା ସମୟରେ ସଚ୍ଚିଦାନନ୍ଦ ଓ ତାଙ୍କର ୩ଜଣ ସାଙ୍ଗ ସେଠାରେ ପହଞ୍ଚି ତାଙ୍କୁ ବଳପୂର୍ବକ ସୋମନାଥ ମନ୍ଦିର ନିକଟକୁ ଟେକି ନେଇ ଅସଦାଚରଣ କହିବା ସହ ହତ୍ୟା ଧମକ ଦେଇଥିଲେ । ଭୟରେ ଛାତ୍ରୀ ଜଣଙ୍କ ଉଲଗ୍ନ ହୋଇଥିଲେ । ସେମାନେ ମୋବାଇଲରେ ଫଟୋ ଉଠାଇ ଚାଲିଯାଇଥିଲେ । ଛାତ୍ରୀ ଜଣଙ୍କ ଲୋକ ଲଜ୍ୟାରେ ସାଥି କିମ୍ବା ପରିବାର ଲୋକଙ୍କୁ ଏକ କଥା କହି ନ ଥିଲେ । ୪ ଦିନ ତଳେ ସେହି ଉଲଗ୍ନ ଫଟୋ ସହିତ ଜଣେ ଯୁବକଙ୍କ ଫଟୋ ଯୋଡି ସୋସିଆଲ ମିଡିଆରେ ଭାଇରାଲ କରାଯାଇଥିଲା । ବୁଧବାର ଫତେଗଡ ଥାନାରେ ଛାତ୍ରୀ ଜଣକ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ମାମଲା(ନଂ.୧୫୨/୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ନୟାଗଡ଼ ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଗଣଶିକ୍ଷା ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ**

ନୟାଗଡ଼ ଅଫିସ,୧୧।୮

ନୟାଗଡ଼ ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି । ଜିଲାର ଉପାନ୍ତ ଅଞ୍ଚଳ ଦଶପଲ୍ଲା, ଗଣିଆ, ରଣପୁର, ଭାପୁର, ଓଡ଼ଗାଁର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଲାଗି ରହିଛି । ଉପରୋକ୍ତ ବ୍ଲକରେ ଶିକ୍ଷକ ପଦବୀ ପୂରଣ ନ କରି ସେଠାରୁ ଶିକ୍ଷକମାନଙ୍କୁ ନୟାଗଡ଼ ସହର ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଉଛି । ଏଣୁ ଗଣଶିକ୍ଷା ମନ୍ତ୍ରୀଙ୍କ ହସ୍ତକ୍ଷେପ ଜରୁରୀ ଦର୍ଶାଇ ଜିଲା କଂଗ୍ରେସ ସଭାପତି ଆଇନଜୀବି ରଣଜିତ ଦାଶ ଚିଠି ଲେଖିଛନ୍ତି । ଅଭିଯୋଗ ଅନୁସାରେ ଅଧିକ ସଂଖ୍ୟକ ଶିକ୍ଷକ ଥିଲେ ହେଁ ନୟାଗଡ ସହର ଓ ଏହାର ୧୦ କିଲୋମିଟର ପରିଧି ମଧ୍ୟରେ ଥିବା ବିଦ୍ୟାଳୟରେ ଅଧିକ ଶିକ୍ଷକ ନିଯୁକ୍ତି ଦିଆଯାଉଛି । ଜିଲାର ୮୦ ଘରୋଇ ବିଦ୍ୟାଳୟକୁ ଏନ୍‌ଓସି ଦେବା ବାହାନାରେ ୧୦ରୁ ୨୦ ହଜାର ଟଙ୍କା ଆଦାୟ କରାଯାଉଛି । ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟକାଳ ଭିତରେ ନୟାଗଡ଼ ସହର ଆଖ ପାଖରେ କେତେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ କେତେ ଶିକ୍ଷକଙ୍କୁ ଏଠାକୁ ଡେପୁଟେଶନରେ ପଠାଯାଉଛି ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟ ଉନ୍ମୋଚନ ହୋଇପାରିବ । ଅନ୍ୟପକ୍ଷେ ଶିକ୍ଷକମାନଙ୍କୁ ଡେପୁଟେଶନରେ ନୟାଗଡ଼ର ଆଖପାଖ ସ୍କୁଲକୁ ଆଣିବା ପାଇଁ ଜିଲାପାଳଙ୍କ ଅନୁମତି ନିଆଯାଉ ନ ଥିବା ଅଭିଯୋଗ ହୋଇଛି ।

ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳରେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉ ନ ଥିବାରୁ ଅଭିଭାବକମାନେ ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଆସୁଛନ୍ତି । ହେଲେ ସମାଧାନ କରାଯାଉ ନାହିଁ । ବାଲୁଗାଁ ଚଣ୍ଡୀ ହାଇସ୍କୁଲରେ ଖାଲି ପଡିଥିବା ପଦବୀ ପୂରଣ କରା ନ ଯାଇ ଅନାବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆଯାଇଛି । ସଜନାପଡାରେ କ୍ରୀଡା ଶିକ୍ଷକଙ୍କ ଆବଶ୍ୟକତା ନ ଥିବା ବେଳେ ସେଠାରେ ସେହି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଆଙ୍କୁଲେଇ ହାଇସ୍କୁଲ ରାଜପାଟଣା, କାଳନ୍ଦୀ ସୁରୁଜ ବିଦ୍ୟାପୀଠ ବିରୁଡା, ସଜନପଡା, ବଡପଣ୍ଡୁସରରେ ମଧ ଅନୁରୂପ ଅବସ୍ଥା । ରାସଙ୍ଗ ଛାମୁଣ୍ଡିଆ ଅଞ୍ଚଳରୁ ଶିକ୍ଷକଙ୍କୁ ଡେପୁଟେଶନରେ ଆଣି ନୟାଗଡ଼ ସରକାରୀ ବାଳିକା ବିଦ୍ୟାଳୟ ଏବଂ ନବଘନପୁର ହାଇସ୍କୁଲରେ ନିଯୁକ୍ତି ଦିଆଯାଇଛି । ନୟାଗଡ଼ ସହର ଉପକଣ୍ଠ ଜାତୀୟ ରାଜପଥ କଡରେ ଥିବା ସିନ୍ଧୁରିଆ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ସ୍କୁଲ ଗୃହ ନାହିଁ । ଫଳରେ ଛାତ୍ରୀଛାତ୍ର ବାରଣ୍ଡାରେ ବସି ପାଠ ପଢୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏହି ସ୍କୁଲକୁ ୫-ଟି ରୁପାନ୍ତରିକରଣ କରା ନ ଗଲେ ଆନ୍ଦୋଳନ ଧମକ ଦେଇଛନ୍ତି । ଏଣୁ ନୟାଗଡ଼ ଜିଲା କଂଗ୍ରେସ କମିଟି ଘୋର ଉଦ୍‌ବେଗ ପ୍ରକାଶ କରି ଜିଲାରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛି ।

## ସଂକ୍ଷେପରେ

### ଆରଏସ୍ଏସ୍ ପକ୍ଷରୁ ରକ୍ଷାବନ୍ଧନ



ଖଣ୍ଡପଡ଼ା,୧୧।୮(ସ୍ୱ.ପ୍ର.): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍ଏସ୍)ଖଣ୍ଡପଡ଼ା ଶାଖା ପକ୍ଷରୁ ପବିତ୍ର ରକ୍ଷା ବନ୍ଧନ ପାଳିତ ହୋଇଯାଇଛି। ରକ୍ଷାବନ୍ଧନ ପର୍ବ ଭାଇ ଚାରାର ପର୍ବ। ଏ ଅବସରରେ ସଂଘର ସଦସ୍ୟ ଜିତେନ୍ଦ୍ର କୁମାର କାଟିଆ, ପରମେଶ୍ୱର ମହାନ୍ତି, ପରାସର ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଖଣ୍ଡପଡା ସହରର ବିଭିନ୍ନ ୱାର୍ଡକୁ ଗସ୍ତ କରି ସମସ୍ତଙ୍କୁ ରାଖୀ ବାନ୍ଧିବା ସହ ମିଠା ଖୁଆଇଥିଲେ।

### ସିଧାମୂଳାରେ ଝୁଲଣ ଯାତ୍ରା



ଖଣ୍ଡପଡ଼ା,୧୧।୮(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ କ୍ଷେତ୍ରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗତ ରବିବାରଠାରୁ ଗ୍ରାମବାସୀଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ସମ୍ପନ୍ନ ହୋଇଛି। ସନ୍ଧ୍ୟାରେ ବିଜେ ପ୍ରତିମା ମଦନ ମୋହନଙ୍କୁ ଦୋଳିରେ ବସାଇ ମହିଳାମାନେ ଝୁଲାଇ ଥିଲେ। ଏହି ଅବସରରେ କୁନି କୁନି ପିଲାମାନଙ୍କ ଦ୍ୱାରା ପରିବେଷିତ ଝୁଲଣ ନୃତ୍ୟ ଓ ସଙ୍ଗୀତକୁ ଦର୍ଶକମାନେ ଉପଭୋଗ କରିଥିଲେ। ପ୍ରତିକୂଳ ପାଗରେ ଜନଗହଳି ଲାଗି ରହିଥିଲା।

### ତ୍ରିରଙ୍ଗା ଶୋଭାଯାତ୍ରା



ଖଣ୍ଡପଡ଼ା,୧୧।୮(ସ୍ୱ.ପ୍ର.): ଆଜାଦ କି ଅମୃତ ମହୋତ୍ସବ ପାଳନ ଅବସରରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ସଫଳ ରୁପାୟନ ପାଇଁ ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ଗୁରୁବାର ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରିଛି। ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରୁ ଯୁବକ ସଂଘର ସଦସ୍ୟମାନେ ଏକ ୫୦ଫୁଟ ଲମ୍ବର ଜାତୀୟ ପତାକା ଧରି ଶୋଭାଯାତ୍ରାରେ ଖଣ୍ଡପଡ଼ା ସହର ପରିକ୍ରମା କରିବା ସହ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସମବେତ ହୋଇଥିଲେ। ଯୁବକ ସଂଘ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଆସନ୍ତା ୧୩ରୁ ୧୫ ତାରିଖ ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତି ବାସଗୃହ ସମ୍ମୁଖରେ ଜାତୀୟ ପତାକା ଉଡାଇବା ସହ ଆଜାଦ କି ଅମୃତ ମହୋତ୍ସବ ପାଳନରେ ସାମିଲ ହେବାକୁ ଯୁବକ ସଂଘର ସଦସ୍ୟମାନେ ଅଞ୍ଚଳବାସୀଙ୍କୁ ନିବେଦନ କରିଛନ୍ତି। ପର୍ଯ୍ୟାୟ କ୍ରମେ ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଜଣାଇଛନ୍ତି।

# 'ଜଳ ଉତ୍ସ ଅଛି, ସଂରକ୍ଷଣ ପାଇଁ ଚିନ୍ତା ନାହିଁ'

ଓଡ଼ିଶାରେ କୃଷିର ଉନ୍ନତି ପାଇଁ ଜଳସେଚନ ଏବଂ ରାଜ୍ୟ ପାଇଁ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟରେ ମହାନଦୀର ଉପରମୁଣ୍ଡ ହୀରାକୁଦଠାରେ ୧୯୪୮ରୁ ବନ୍ଧ ନିର୍ମାଣ କାମ ଆରମ୍ଭ ହୋଇ ୧୯୫୭ରେ ଶେଷ ହୋଇଥିଲା। ରାଜ୍ୟବାସୀ ଏହାର ସୁଫଳ ମଧ ପାଉଛନ୍ତି। ଇତିମଧ୍ୟରେ ୬୫ ବର୍ଷ ବିତିଛି। ଛତିଶଗଡ଼ ଇତିମଧରେ ଛୋଟ ବଡ଼ ଅନେକ ପ୍ରକଳ୍ପ ମହାନଦୀର ଉପରମୁଣ୍ଡରେ କରି ସାରିଛି। ମାତ୍ର ଓଡ଼ିଶା ସରକାର ଏହି ଦୀର୍ଘ ଅବଧି ମଧରେ ହୀରାକୁଦ ପରେ ଆଉ ଗୋଟିଏ ହେଲେ ବି ପ୍ରକଳ୍ପ ନିର୍ମାଣ କରିବାକୁ ସକ୍ଷମ ହୋଇନାହାନ୍ତି। ରାଜ୍ୟ ସରକାର ଯଦି ଛୋଟ ବଡ଼ ନଦୀ କିମ୍ବା ଏହାର ଶାଖା ନଦୀର ଜଳକୁ ସାଇତି ରଖିବାର ବ୍ୟବସ୍ଥା କରନ୍ତେ ତା'ହେଲେ କୃଷିର ଉନ୍ନତି ସାଧନ ହୋଇ ପାରନ୍ତା। ଏ ସଂକ୍ରାନ୍ତରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ମତାମତକୁ ନେଇ ଏକ ଉପସ୍ଥାପନା...।

### ଜଳ ସଂରକ୍ଷଣ ବ୍ୟବସ୍ଥା ହେଉ



କଣ୍ଟିଲୋ-ଭୁବନେଶ୍ୱର ରାଜପଥର କାଳିଗିରି ପୋଲଠାରୁ ମାତ୍ର ୨ କି.ମି. ଦୂର ଭାପୁର ବ୍ଲକ୍ ଅଧୀନ ମହାନଦୀ କୂଳରେ ରହିଛି ମଣିପୁର ଗାଁ। ମହାନଦୀରେ ସାମାନ୍ୟ ବନ୍ୟା ଆସିଲେ ମଣିପୁର ଗାଁ ପାଣି ଘେରରେ ରୁହେ। ଏହି ବନ୍ୟା ପାଣି ପ୍ରଭାବରେ ମଣିପୁର ଗ୍ରାମରେ ଥିବା ୧୩୩ ଏକର ପରିମିତ କାଚେରା ପାଟରେ ପାଣି ଭର୍ତ୍ତି ହୋଇଯାଏ। ସେହି ପାଟରେ ଜଳ ସଂରକ୍ଷଣ ପାଇଁ ସରକାରୀସ୍ତରରେ ବ୍ୟବସ୍ଥା କରାଗଲେ ଏହାର ଚାରିପାଖରେ ଥିବା ପ୍ରାୟ ୧୧ଶହ ଏକର ଜମିରେ ସବୁଦିନିଆ ଫସଲ କରିହେବ। ଏ କାର୍ଯ୍ୟରେ ସ୍ଥାନୀୟ ଲୋକେ ସହଯୋଗ କରିବେ ବୋଲି ପ୍ରସ୍ତୁତ ଅଛନ୍ତି।

**-ଗଣେଶ୍ୱର ଖଟେଇ, ମଣିପୁର**

ଜଳ ସମ୍ପଦର ସଂରକ୍ଷଣ ଅଭାବରୁ ଓଡ଼ିଶାରେ ଜଳ ସଙ୍କଟ ଦେଖାଦେଇଛି। ବିଡମ୍ବନା ଯେ, ମହାନଦୀ ହେଉଛି ଓଡ଼ିଶାର ଜୀବନ ରେଖା। କିନ୍ତୁ ତାକୁ ନେଇ ରାଜନୀତି ଚାଲିଛି। ରାଜନୀତି ପରିବର୍ତ୍ତେ ଜଳନୀତି ପ୍ରବର୍ତ୍ତନ କରି ବହିଯାଉଥିବା ନଦୀ ଜଳର ସଂରକ୍ଷଣକୁ ପ୍ରାଥମିକତା ଦିଆଯାଉ। ଚେକ୍‌ଡ୍ୟାମ ନିର୍ମାଣ କରାଯାଇ ଜଳସେଚନର ବ୍ୟବସ୍ଥା ହେଉ। ବେଳ ଥାଉ ଥାଉ ବନ୍ଧ ବାନ୍ଧିବା ବିଜ୍ଞତାର ପରିଚୟ।

**-ଡ.ପବିତ୍ର କୁମାର ସୁବୁଦ୍ଧି, ଶିକ୍ଷାବିତ୍, ପଦ୍ମାବତୀ**

### ସିଂହଭାଗ ଜଳ ସମୁଦ୍ରକୁ ଯାଉଛି



ଜଳକୁ ନେଇ ଦିନେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି। କାରଣ ତମାମ୍ ପୃଥିବୀରେ ଏବେ ଜଳ ସଙ୍କଟ ତୀବ୍ର ହେବାରେ ଲାଗିଛି। ମାତ୍ର ପରିତାପର ବିଷୟ, ଯେତିକି ଜଳ ମହାନଦୀର ତଳ ମୁଣ୍ଡରେ ପ୍ରବାହିତ ହେଉଛି, ସେଥିରୁ ସିଂହ ଭାଗ ଜଳ ସମୁଦ୍ରକୁ ବହିଯାଉଛି। ଓଡ଼ିଶାରେ ୯୫,୫୪୦ ନିୟୁତ ଘନମିଟର ଭୂପୃଷ୍ଠ ଜଳରୁ ୫୦,୬୪୦ ନିୟୁତ ଘନମିଟର ଜଳ ସମୁଦ୍ରରେ ମିଶୁଛି।

### ସରକାର ସଜାଗ ଅଛନ୍ତି



ପ୍ରବାହିତ ନଦୀ, ନାଳ ଜଳ ଉତ୍ସକୁ ସଂରକ୍ଷଣ କରାଯାଇ ଜଳସେଚନର ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ତେବେ ମହାନଦୀ ସହିତ ବିଭିନ୍ନ ଶାଖା ନଦୀର ପ୍ରବାହିତ ଜଳ ଉତ୍ସକୁ କିପରି ସଂରକ୍ଷଣ କରାଯାଇ ଉପଯୁକ୍ତ ବିନିଯୋଗ କରାଯାଇପାରିବ ସେ ଦିଗରେ ରାଜ୍ୟ ସରକାର ସଜାଗ ଅଛନ୍ତି।

**-ରମେଶ ବେହେରା, ବିଧାୟକ, ଦଶପଲ୍ଲା**

### ନିର୍ମାଣ ପ୍ରସ୍ତାବରେ ସୀମିତ



ପଦ୍ମାବତୀ-କରବର ମଧରେ ଏକ ବ୍ୟାରେଜ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଯଦି ଏହା ଗ୍ରହଣୀୟ ହୁଏ ତେବେ ସମ୍ପୂର୍ଣ୍ଣ ଭାପୁର ବ୍ଲକର ଚାଷୀ ଓ କୃଷିର ଉନ୍ନତି ହୋଇପାରିବ। ଅପରପକ୍ଷେ ପଦ୍ମାବତୀ ପଞ୍ଚାୟତ ହନୁମନ୍ତିଆ ପାହାଡ଼ଠାରୁ ମହାନଦୀର ଅପରପାର୍ଶ୍ୱର ଦୂରତ୍ୱ କମ ଥିବାରୁ ଏଠାରେ ଏକ ବନ୍ଧ ନିର୍ମାଣ କରିବାର ମଧ ପ୍ରସ୍ତାବ ରହିଛି। ଏହାକୁ କାର୍ଯ୍ୟକାରୀ କରାଗଲେ ଜଳସେଚନର ସୁବିଧା ସହ ଜଳ ସଂରକ୍ଷଣ ହୋଇପାରନ୍ତା। ଯଦି ମହାନଦୀର ବିଭିନ୍ନ ସ୍ଥାନରେ ୫ରୁ ୬ଟି ବ୍ୟାରେଜ ନିର୍ମାଣ କରାଯାଆନ୍ତା ତେବେ ମହାନଦୀର ଜଳ ସମୁଦ୍ରକୁ ଯାଇପାରନ୍ତା ନାହିଁ।

**-ଅନୁଭବ ପଟ୍ଟନାୟକ, ପୂର୍ବତନ ବିଧାୟକ, ଖଣ୍ଡପଡ଼ା**

### ଫାଇଲରେ ପ୍ରସ୍ତାବିତ ବ୍ୟାରେଜ୍

ଟିକରପଡା, ମଣିଭଦ୍ରା ଓ ପଦ୍ମାବତୀଠାରେ ବ୍ୟାରେଜ ନିର୍ମାଣ ପାଇଁ ବିଭିନ୍ନ ସମୟରେ ସର୍ଭେ କରାଯାଇ ପ୍ରସ୍ତାବିତ ବ୍ୟାରେଜ ଫାଇଲରେ ଲୁଚିଯାଇଛି। ଗତ କିଛିବର୍ଷ ତଳେ ବୃତ୍ତଙ୍ଗ ସେତୁ ପାଇଁ ବିବାଦ ଘନେଇଥିବା ବେଳେ ଏହି ପ୍ରକଳ୍ପର କାର୍ଯ୍ୟ କାଗଜପତ୍ରରେ ସୀମିତ ରହିଛି। ଅପରପକ୍ଷେ ମହାନଦୀର ଛାମୁଣ୍ଡିଆଠାରୁ ପଦ୍ମାବତୀ, କରବର ମଧରେ ବନ୍ଧ ନିର୍ମାଣ କରାଯାଇ ଜଳ ସଂରକ୍ଷଣ କରାଯାଇଥିଲେ ନଦୀର ଜଳ ସମୁଦ୍ରକୁ ବୋହି ନ ଯାଇ ସଂରକ୍ଷିତ ରହିଥାନ୍ତା ଏହାଦ୍ୱାରା ଜଳସେଚନର ସୁବିଧା ସହ ବହୁ ଚାଷୀ ଉପକୃତ ହୋଇପାରିଥାନ୍ତେ। ମାତ୍ର ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଇ ଛତିଶଗଡ଼କୁ ଦୋଷ ଦେବା ଶିଖିଛନ୍ତି। ଇତିମଧ୍ୟରେ ମହାନଦୀରେ ଗୋଟିଏ ହେଲେ ବ୍ୟାରେଜ ନିର୍ମାଣ ହୋଇନାହିଁ।



**-ରଣଜିତ ଦାଶ, ଜିଲା କଂଗ୍ରେସ ସଭାପତି**

### ସରକାରଙ୍କ ଅପାରଗତା



ମହାନଦୀ ଜଳ ବିବାଦ କେବଳ ରାଜ୍ୟ ସରକାରଙ୍କ ଅପାରଗତାକୁ ଘୋଡ଼ାଇବାର ପ୍ରୟାସ। ମହାନଦୀ ସବୁ ସମୟରେ ଶୁଖିଲା ପଡୁନି। ଯେତେବେଳେ ପାଣି ରହୁଛି ସେ ପାଣିକୁ ସଂରକ୍ଷଣ କରି ଅନେକ କାର୍ଯ୍ୟ ସମ୍ପାଦନ ହୋଇପାରନ୍ତା। ଛତିଶଗଡ଼ ବନ୍ଧ ନିର୍ମାଣ କଲାବେଳେ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିଲେ। ତେବେ ଆଉ ବିବାଦ ନ କରି ମହାନଦୀର ବିଭିନ୍ନ ସ୍ଥାନରେ ବନ୍ଧ କିମ୍ବା ବ୍ୟାରେଜ ନିର୍ମାଣ ପାଇଁ ଯତ୍ନବାନ ହେଲେ ଜଳ ସଂରକ୍ଷଣ ହେବା ସହ କୃଷି ଓ କୃଷକର ଉନ୍ନତି ହୋଇପାରନ୍ତା।

**-ଇଂ.ଅର୍ଚ୍ଚନା ଦାଶ,ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ**

**ଉପସ୍ଥାପନା-ଅଜୟ କୁମାର ମହାରଣା,ଖଣ୍ଡପଡ଼ା**

# ପୋଲ ପାର୍ଶ୍ୱରୁ ଧୋଇଗଲା ମାଟି



ପୋଲ ପାର୍ଶ୍ୱରୁ ଧୋଇ ହୋଇଯାଇଥିବା ମାଟି।

ନୂଆଗାଁ,୧୧।୮ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାଲଣ୍ଡାଠାରୁ ବରକୋଲାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣଧୀନ ପୋଲ ପାର୍ଶ୍ୱରୁ ମାଟି ଧୋଇ ହୋଇଯାଇଛି। ଏହାପରେ ଉକ୍ତ ରାସ୍ତାରେ ଯାନବାହନ ଯାତାୟତ ଏକ ପ୍ରକାର ବନ୍ଦ ହୋଇଯାଇଛି। କାଳେ କୌଣସି ଦୁର୍ଘଟଣା ଘଟିବ ସେହି ଆଶଙ୍କାରେ ଉକ୍ତ ପୋଲ ଦେଇ ଯାନବାହନ ଚଳାଚଳ ବନ୍ଦ ହୋଇଛି।

ନୂଆଗାଁ ବ୍ଲକ ଗୁମି ପଞ୍ଚାୟତ ଜାମୁସାହି, କେସେଣ୍ଡା ଗ୍ରାମରୁ ଗୁମି ମୁଖ୍ୟରାସ୍ତାକୁ ଯିବାରେ ବାଧକ ସାଜୁଥିଲା ଡାହୁକା ନଦୀ। ସେଥିରେ ପୋଲ ହୋଇ ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ଏ ନେଇ ବାରମ୍ବାର ଅଭିଯୋଗ, ଏପରି କି ଭୋଟ ବର୍ଜନ ନିଷ୍ପତ୍ତି ଗ୍ରାମବାସୀ ନେବା ପରେ ସରକାରଙ୍କ ନଜର ପଡିଥିଲା। ପାରାଡ଼ିପି ପଞ୍ଚାୟତର ବାଲଣ୍ଡାଠାରୁ ଜାମୁସାହି, କେସେଣ୍ଡା, ଗୁମି ଦେଇ ବରକୋଲା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରିବା ପାଇଁ ସରକାର ଅନୁଦାନ ମଞ୍ଜୁର କଲେ। ୧୨.୭୦୦ କିଲୋମିଟର ମଧ୍ୟରୁ ୧୧.୪୫୦ କିଲୋମିଟର ପିଚୁ ହେବା ସହ ୧୧ଟି ପୋଲ ନିର୍ମାଣ ପାଇଁ ୬୪୫.୨୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଉକ୍ତ କାର୍ଯ୍ୟ ଅଗଷ୍ଟ ୨୦୧୯ରେ ଆରମ୍ଭ ହେବା ନେଇ ସୂଚନା ଫଳରେ ତଥ୍ୟ ରହିଥିବା ବେଳେ କାର୍ଯ୍ୟ ଶେଷ ହେବାର ଅବଧିର କୌଣସି ସୂଚନା ଦିଆଯାଇ ନାହିଁ। ବର୍ତ୍ତମାନ ରାସ୍ତା କାମ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ବେଳେ ଅତ୍ୟାବଶ୍ୟକ ଥିବା ଡାହୁକା ନଦୀରେ ପୋଲର ଛାତ ପଡିଯାଇଛି। ଫଳରେ ଲୋକମାନେ ଯିବା ଆସିବା କରିବା ସହ ଯାନବାହନ ଯାତାୟତ କରୁଥିଲା। କିନ୍ତୁ ଲଗାଣ ବର୍ଷା ହେବା ଫଳରେ ପୋଲ ପାର୍ଶ୍ୱରେ ରାସ୍ତାକୁ ସଂଯୋଗ ପାଇଁ ଦିଆ ଯାଇଥିବା ମାଟି ଧୋଇ ହୋଇ ଯାଇଛି। ଫଳରେ ଉକ୍ତ ସ୍ଥାନଟି ଏକ ପ୍ରକାର ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ଯାନବାହନ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି। ଲୋକମାନେ ଚାଲିକି ଯିବା ସମୟରେ ମାଟି ଧସି ଯିବାର ଆଶଙ୍କା ସୃଷ୍ଟି ହେଉଛି। ତେବେ ଠିକାଦାର ଯଦି ତାହାକୁ ମରାମତି ନ କରନ୍ତି ତା'ହେଲେ ଅଧିକ ବର୍ଷା ହେଲେ ସେହି ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ପୋଲ ନିକଟରେ ଧୋଇଯାଇଥିବା ମାଟିର ମରାମତି ବାବଦରେ ଗ୍ରାମ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରେ ଏ ବିଷୟରେ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟମାନେ ଅବଗତ ଅଛନ୍ତି। ବର୍ଷା ଛାଡିବା ପରେ ଯଥାଶୀଘ୍ର ସେଠାରେ ଏକ କାନ୍ଥ ନିର୍ମାଣ କରିବା ସହ ମାଟି ଖସିଥିବା ସ୍ଥାନର ମରାମତି କାମ ଆରମ୍ଭ କରାଯିବ। ଏଥିପାଇଁ ପାଇଁ ଠିକାଦାରକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

## ବୃକ୍ଷକୁ ରାଖୀ ବାନ୍ଧିଲେ ଛାତ୍ରୀ, ଯୁବତୀ

ଖଣ୍ଡପଡ଼ା,୧୧।୮(ସ୍ୱ.ପ୍ର.)

ଗୁରୁବାର ରକ୍ଷା ବନ୍ଧନ ଅବସରରେ ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିଲା। ଝିଅମାନେ ସେମାନଙ୍କ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ଖୁସି ମନାଇଥିଲେ। ଏହି ଅବସରରେ ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା, ସାମ୍ପ୍ରତିକ ପରିସ୍ଥିତିରେ ପରିବେଶ ସୁରକ୍ଷାରେ ବୃକ୍ଷର ଗୁରୁତ୍ୱ ଅଧିକ। ଜଗତର କଲ୍ୟାଣ ନିମନ୍ତେ ୨ଭଉଣୀ ଇସାଶ୍ରୀ ଓ ସାଇଶ୍ରୀ ସାହୁଙ୍କ ସମେତ ବହୁ ଛାତ୍ରୀ, ଯୁବତୀ ଏକାଧିକ ଗଛରେ ରାଖୀ ବାନ୍ଧିଥିଲେ। ସେମାନଙ୍କ କହିବାନୁଯାୟୀ, ମାନବ ସମାଜ ପାଇଁ ଭାଇଠାରୁ ଅଧିକ ଗୁରୁତ୍ୱ ବହନ କରେ ସବୁଜିମା। ଗଛ ବଞ୍ଚିଲେ ଆମେ ତିଷ୍ଠି ରହିପାରିବା। ଏହି ଅବସରରେ ବ୍ରାହ୍ମଣ, ପୁରୋହିତମାନେ ଯଜମାନଙ୍କୁ ରାଖୀ ବାନ୍ଧିଥିଲେ। ଈଶ୍ୱରୀୟ ବ୍ରହ୍ମା କୁମାରୀମାନେ ଘରକୁ ଘର ବୁଲି ଭାଇମାନଙ୍କ ହାତରେ ରାଖୀ ବାନ୍ଧିବା ସହ ଆଧ୍ୟାତ୍ମିକ ବାର୍ତ୍ତା ପ୍ରଚାର କରିଥିଲେ।

## ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ

ଖଣ୍ଡପଡ଼ା,୧୧।୮(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦସା ଗୋଲାସାହି ଗ୍ରାମରେ ବୁଧବାର ରାତି ପ୍ରାୟ ସାଢେ ୨ଟା ସମୟରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଗ୍ନିକାଣ୍ଡରେ ରାମଚନ୍ଦ୍ର ମହାପାତ୍ରଙ୍କ ଜଳଖିଆ ଦୋକାନ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଦୋକାନରେ ଥିବା ୨ ଗ୍ୟାସ୍ ସିଲିଣ୍ଡର, ନଗଦ ୧୭ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ୧୫ ହଜାର ଟଙ୍କାର ମିଠା ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର ପ୍ରଭାବରେ ଗୁହାଳରେ ବନ୍ଧା ହୋଇଥିବା ଗୋଟିଏ ଗାଈ ଅର୍ଦ୍ଧଦଗ୍ଧ ହୋଇଛି। ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିବା ଯୋଗୁ ଦୋକାନରୁ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରି ନ ଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଖବର ପାଇ ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।



ଜଳି ଯାଇଥିବା ମିଠା ଦୋକାନ।

## ଉଠାଣିସାହିରେ ଦହିହାଣ୍ଡି ଖେଳ

ନୂଆଗାଁ,୧୧।୮(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଉଠାଣିସାହିରେ ଗୁରୁବାର ଗହ୍ମା ପୂର୍ଣ୍ଣମୀ ଉପଲକ୍ଷେ ଦହି ହାଣ୍ଡି ଖେଳ ଅନୁଷ୍ଠିତ ହୋଇଥିଲା। ଭଉଣୀ ହାତରୁ ରାଖୀ ବାନ୍ଧି ସାରିବା ପରେ ଆରମ୍ଭ ହୋଇଥିଲା ଦହିହାଣ୍ଡି ପ୍ରତିଯୋଗିତା। ଗୋଟିଏ ମାଟି ହାଣ୍ଡିରେ ଦହି ପୁରାଇ ସେଥିରେ ପୁରସ୍କାର ରଖି ଝୁଲାଇ ଦିଆଯାଏ। ତା'ସହିତ ଅନେକ ସାମଗ୍ରୀ ଝୁଲାଇ ରଖାଯାଏ। ଆଖିରେ ଅନ୍ଧ ପୁଟୁଳି ବାନ୍ଧି ବାଡ଼ି ସାହାଯ୍ୟରେ ସେହି ହାଣ୍ଡିକୁ ଭାଙ୍ଗିବା ପାଇଁ ଚେଷ୍ଟା କରି ଥାଆନ୍ତି ପ୍ରତିଯୋଗୀ। ଯିଏ ଯେଉଁ ହାଣ୍ଡିକୁ ବାଡାଇ ଭାଙ୍ଗନ୍ତି ସେଥିରେ ଥିବା ପୁରସ୍କାରକୁ ସେ ହିଁ ନିଅନ୍ତି। ପ୍ରତିବର୍ଷ ଏହି ଖେଳକୁ ଆଗ୍ରହର ସହ ସ୍ଥାନୀୟ ଲୋକେ ଉପଭୋଗ କରି ଥାଆନ୍ତି। ଏହି ଉତ୍ସବକୁ ସାହିର ଭାଗୀରଥି ମହାନ୍ତି, ଅନାଦି ଚରଣ ବାଘ, ଶେଷଦେବ ସାହୁ, ଅଶୋକ କୁମାର ନାୟକ, ଶେଖର ମହାପାତ୍ରଙ୍କ ସମେତ ବହୁ ଯୁବକ ଆୟୋଜନ କରିଥିଲେ।



ଜଣେ ପ୍ରତିଯୋଗୀ ହାଣ୍ଡି ଭାଙ୍ଗିବାକୁ ଆସୁଛନ୍ତି।

# ଗହ୍ମାଡ଼ିଆଁ ପର୍ବର ମଜା ଉଠାଇଲେ ଗ୍ରାମବାସୀ

ଖଣ୍ଡପଡ଼ା,୧୧।୮(ସ୍ୱ.ପ୍ର.)

ଉତ୍କଳୀୟ ଧର୍ମ ସଂସ୍କୃତିର ପ୍ରତୀକ ଗହ୍ମା ପର୍ବ। ଏହି ପର୍ବ ଓଡ଼ିଶାର ପୂରପଲ୍ଲୀରେ ଶ୍ରାବଣ ପୂର୍ଣ୍ଣିମା ଦିନ ମହାଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ। ଏହାକୁ ମଧ୍ୟ ବଳରାମଙ୍କ ଜନ୍ମ ତିଥି ଭାବେ ଗ୍ରହଣ କରାଯାଇଛି। ବଳରାମ ଚାଷୀକୂଳର ପ୍ରତୀକ ତଥା ଗୋ-ଜାତିର ପାଳନକର୍ତ୍ତା। ତେଣୁ ଏହି ଦିନରେ ଗାଈଗୋରୁଙ୍କୁ ମଧ ପୂଜା କରାଯାଏ। ଗୁରୁବାର ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର, ସିଧାମୂଳା, ବାଣପୁର, ବେଣାଗାଡ଼ିଆ, ଭୋଗଡ଼ା ଓ ପଥରଚକଡ଼ା ଆଦି ଅଞ୍ଚଳର ଚାଷୀମାନେ ନିଜ ନିଜ ବଳଦ ଓ ଗାଈଙ୍କୁ ଗାଧୋଇ ଦେବା ସହ ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଲଙ୍ଗଳକୁ ଧୁଆଧୋଇ କରି ସଜାଇ ରଖିଥିଲେ। ଗୁହାଳରେ ଗାଈ, ବଳଦଙ୍କୁ ଚନ୍ଦନ ସିନ୍ଦୁର ଫୁଲମାଳ,ଦୀପଧୂପ ଦେଇ ପୂଜାର୍ଚ୍ଚନା କରିଥିଲେ। ଓଡ଼ିଶାର ଖଣ୍ଡାୟତ ଓ ପାଇକମାନେ ଏହି ଦିନକୁ ଏକ ପାରମ୍ପରିକ ପର୍ବ ରୁପେ ପାଳନ କରିଥାନ୍ତି। ସମରାଭ୍ୟାସ ପାଇଁ ଗ୍ରାମର ପୁରୁଷମାନେ ଏହି ଶ୍ରାବଣ ପୂର୍ଣ୍ଣିମାଠାରୁ ଦଶହରା ସମୟକୁ ଉପଯୁକ୍ତ ମନେ କରିଥାନ୍ତି। ଆଗ କାଳରେ ପାଇକମାନେ ଆଜିର ଦିନକୁ ଅତି ଶୁଭ ମନେକରି ଯୁଦ୍ଧବିଦ୍ୟା ଆରମ୍ଭ କରୁଥିଲେ। ଶିକ୍ଷା କରୁଥିବା ବ୍ୟକ୍ତି କିମ୍ୱା ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡ଼େଉଁ ଥିଲେ। ଉଚ୍ଚ ସ୍ଥାନରୁ ତଳକୁ ଡ଼େଇଁବାକୁ 'ଗହ୍ମା' କୁହାଯାଏ। ଆଉ ଉଚ୍ଚ ସ୍ଥାନରୁ ତଳକୁ ଡ଼େଇଁବାକୁ 'ଗହ୍ମାଡ଼ିଆଁ' କୁହାଯାଏ। ଏହି ପ୍ରଥାକୁ ମନେ ପକାଇ ଏବେ ନିକଟସ୍ଥ ମର୍ଦ୍ଦରାଜପୁର, ସିଧାମୂଳା, ବଡବାଣପୁର, ହରିଚନ୍ଦନପୁର, ବରକୋଳିବନ୍ଧ ଓ ଭୋଗଡ଼ା ଆଦି ଗ୍ରାମରେ ଗୁରୁବାର ଅପରାହ୍ନରେ ଗହ୍ମାଡିଆଁ ପାଳନ କରାଯାଇଥିଲା।



ସିଧାମୂଳାଠାରେ ଆୟୋଜିତ ଗହ୍ମାଡିଆଁକୁ ଦେଖିବା ପାଇଁ ଲୋକଙ୍କ ଭିଡ଼।

ବିଶେଷକରି ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ମନ୍ଦିର ପାଦଦେଶ, ମେଡିକାଲ ନିକଟ ଓ ସିଧାମୂଳା ନୋଡାଲ ଉପ୍ରା ବିଦ୍ୟାଳୟ ସାମନାରେ ଗହ୍ମାଡିଆଁ ପ୍ରତିଯୋଗିତା ମହାଆଡମ୍ବର ସହକାରେ ପାଳନ କରାଯାଇଥିଲା। ସିଧାମୂଳା ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଗହ୍ମାଡିହାଁରେ ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା, ପଠାଣି ସାମନ୍ତ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣା ଓ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲା ନରସିଂହପୁର, ଏକଡାଳ ଓ ଆଖପାଖ ଅଞ୍ଚଳର ମହିଳା ଏବଂ ପୁରୁଷମାନଙ୍କ ସମାଗମ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ୪ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।

